## ସଂକ୍ଷେପରେ

### ୨ କ୍ୱାକ୍ ଡାକ୍ତର ଗିରଫ

ମାଲକାନଗିରି,୧୫ା୬(ଡି.ଏନ.ଏ.) - ମାଲକାନଗିରି ଜିଲା ସଦର ଥାନା ଅନ୍ତର୍ଗତ ଏମ.ଭି-୧୩ ଗ୍ରାମର ୨ ଜଣ କ୍ୱାକ୍ ଡାକ୍ତରଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଏମାନଙ୍କ ବିରୋଧରେ ଧାରା ୧୧୯ ,୫୨୦ ,୩୮୪ , ୩୪ ଆଇପିସି ଅନୁଯାୟୀ ୨୦୫/୨୧ରେ ମାମଲା ରୁଜୁ ହୋଇଛି । ଏମଭି-୧୩ ଗ୍ରାମର ସ୍ୱର୍ଗତ ସୁବଲ ବିଶ୍ୱାସଙ୍କ ପୁଅ ନିର୍ମଳ ବିଶ୍ୱାସ ଏବଂ ସ୍ୱର୍ଗତ ଅମର ରାୟଙ୍କ ପୁଅ ଅତୁନୁ ରାୟ ଉଭୟେ ନିଜକୁ ଡାକ୍ତର କହି ଜିଲାର ବିଭିନ୍ନ ଅଞ୍ଚଳରେ ରୋଗୀଙ୍କୁ ନକଲି ଔଷଧ ଦେଇ ଅଧିକ ଅର୍ଥ ଆଦାୟ କରୁଥିଲେ। କେତେକ ସ୍ୱାସ୍ଥ୍ୟ ଉପଯୋଗୀ ହୋଇ ନ ଥିବା ଔଷଧ ବିଭିନ୍ନ ଔଷଧ ଦୋକାନରୁ କିଣି ଲୋକଙ୍କୁ ଦେଇ ଠକୁ ଥିଲେ । ପୋଲିସ ଏ ସମ୍ପର୍କରେ ଜାଣିବା ପରେ ଉଭୟଙ୍କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ରାମ ପ୍ରସାଦ ନାଗ କହିଛନ୍ତି।

### ଗାତ ଖୋଳି ଔଷଧ ପୋତିଦେବା ଘଟଣା
### ଫାର୍ମାସିଷ୍ଟଙ୍କୁ ବଦଳି

ମାଲକାନଗିରି,୧୫ା୬(ଡି.ଏନ.ଏ.)- ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ଗାତ ଖୋଳି ପୋତିଦେବା ଘଟଣାରେ ସମ୍ପୃକ୍ତ ଡାକ୍ତରଖାନାର ଫାର୍ମାସିଷ୍ଟଙ୍କୁ ବଦଳି କରାଯାଇଛି। ତାଙ୍କର ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଛି। ଏହି ବଦଳିକୁ ମଧ ଅଞ୍ଚଳବାସୀ ବିରୋଧ କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ନ ଦେଇ କେତେକ ଔଷଧ ବାହାରେ ଗାତ ଖୋଳି ପୋତାଯାଇଥିଲା। ଏଥିରୁ ଅନେକ ଔଷଧର ଅବଧି ଶେଷ ହୋଇ ନ ଥିଲା। ଏନେଇ ଖବର ପ୍ରକାଶ ପାଇବା ପରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ପଡ଼ିଆ ବ୍ଲକରେ ଭତ୍ତା ପ୍ରଦାନ

ମାଲକାନଗିରି,୧୫ା୬(ଡି.ଏନ.ଏ.)- ମାଲକାନଗିରି ଜିଲା ପଡ଼ିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାରେ ୯୩ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଉଣ୍ଡୁରୁକୋଣ୍ଡା ପଞ୍ଚାୟତଠାରେ ବ୍ଲକ ଉପାଧକ୍ଷା ଚମ୍ପାରାଣୀ ସିଲ, ସରପଞ୍ଚ ପୁନେମ ମୁଡା ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏନ୍. ଋଷିକେଶ ରାଓ ଯୋଗଦେଇ ୧୮ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ବ୍ଲକର ସମସ୍ତ ପଞ୍ଚାୟତର ୧୬୩ ଜଣ ନୂତନ ହିତାଧିକାରୀଙ୍କୁ ଚୟନ କରାଯାଇଥିବା ବେଳେ ୯୩ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି । ବଳକା ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ଭତ୍ତା ପ୍ରଦାନ କରାଯିବ ବୋଲି ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

### ଦାମନଯୋଡ଼ିରେ ଶିବ ବିବାହ



ଦାମନଯୋଡ଼ି,୧୫ା୬(ଡି.ଏନ୍.ଏ.)-ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଦାମନଯୋଡ଼ିର ବିଭିନ୍ନ ଶିବ ମନ୍ଦିରରେ ଦେବ ବିବାହ ନୀତି ସମ୍ପନ୍ନ ହୋଇଛି। ଭେଜାପୁଟସ୍ଥିତ ସିଦ୍ଧେଶ୍ୱର ମହାଦେବ, ମରିଚମାଳସ୍ଥିତ ଶ୍ରୀ ସିଦ୍ଧେଶ୍ୱର ମହାଦେବ, ମାଥାଲପୁଟସ୍ଥିତ ବଟୁକେଶ୍ୱରଙ୍କ ପୀଠରେ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ମନ୍ଦିରରେ ପୂଜକଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାନୀତି ଓ ହୋମ ଆଦି ହୋଇ କୋଭିଡ୍ କଟକଣାରେ ନୀତି ସମ୍ପନ୍ନ ହୋଇଥିଲା।

### ଆଜିଠୁ ୧୮ରୁ ୪୪ବର୍ଷ ବର୍ଗର ବ୍ୟକ୍ତିଙ୍କୁ ଦ୍ୱିତୀୟ ଡୋଜ୍ ଟିକା

ମାଲକାନଗିରି,୧୫ା୬(ଡି.ଏନ.ଏ.)- ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ଦ୍ୱିତୀୟ ପର୍ଯ୍ୟାୟ ୧୮ ରୁ ୪୪ ବର୍ଷ ବର୍ଗର ବ୍ୟକ୍ତିଙ୍କୁ ଦ୍ୱିତୀୟ ଡୋଜ୍ ଟିକା ବୁଧବାରଠାରୁ ପ୍ରଦାନ କରାଯିବ। ଏଥିପାଇଁ ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ୪ଟି ଟିକାଦାନ କେନ୍ଦ୍ରର ବ୍ୟବସ୍ଥା ହୋଇଛି। ଜିଲା ସଦର ମହକୁମା ଚିକିତ୍ସାଳୟ, ବୁଟିଗୁଡ଼ା ବିଦ୍ୟାଳୟ ସହ ମାଲକାନଗିରି ମହାବିଦ୍ୟାଳୟଠାରେ ୨ଟି କେନ୍ଦ୍ରରେ କୋଭିଡ୍ ଟିକା ପ୍ରଦାନ ବ୍ୟବସ୍ଥା ହୋଇଛି। ଏନେଇ ହିତାଧିକାରୀମାନେ ମଙ୍ଗଳବାର ସନ୍ଧ୍ୟା ୫ଟାରୁ କୋୱିନ ପୋର୍ଟାଲରେ ରେଜିଷ୍ଟ୍ରେଶନ କରି ସ୍ଲଟ୍ ବୁକିଂ କରିବାକୁ ଜିଲାପାଳ ଡ. ୱାଇ.ବିଜୟ ପରାମର୍ଶ ଦେଇଛନ୍ତି। ଟିକା ନେବାକୁ ଯିବା ବେଳେ ହିତାଧିକାରୀମାନେ ପରିଚୟପତ୍ର ସହ ବୁକିଂ ସ୍ଲିପ୍ ନେବାକୁ କହିଛନ୍ତି। ଟିକାକରଣ କାର୍ଯ୍ୟକ୍ରମ ସକାଳ ୯ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ ।

# ସୁଇପର,ଜମାଦାର ସଂଘ ପକ୍ଷରୁ ସଫେଇ କାର୍ଯ୍ୟ ବନ୍ଦ

- ମିଳିନି ୪ ମାସର ଦରମା
- ଚଳିବାକୁ ଭିକ ମାଗୁଛନ୍ତି କର୍ମଚାରୀ
- ପ୍ରତିବାଦ କଲେ ଧମକ ଦେଉଛି ଠିକାସଂସ୍ଥା

ଜୟପୁର,୧୫ା୬(ନି.ପ୍ର.)



ଦରମା ନ ପାଇ ମାଗିଯାଚି ଚଳୁଥିବା ସଫେଇ କର୍ମଚାରୀ।

ବକେୟା ଦରମାକୁ ନେଇ ଜୟପୁର ପୌରପାଳିକାର ସଫେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କରୋନା ମହାମାରୀ ସମୟରେ ଜୀବନକୁ ବାଜି ଲଗାଇ କର୍ମଚାରୀମାନେ ସଫେଇ କାମ କରୁଥିଲେ ମଧ ଏମାନଙ୍କୁ ୪ ମାସ ହେଲା ଦରମା ମିଳିନାହିଁ । ଯିଏ ମୁହଁ ଖୋଲିବେ ତାଙ୍କୁ କାର୍ଯ୍ୟରୁ ବାହାର କରିଦେବାର ଧମକ ଦେଉଛି ଠିକା ସଂସ୍ଥା। ପୌରପାଳିକାର ସମସ୍ତ ସଫେଇ କର୍ମଚାରୀ ସଫେଇ କାମ ବନ୍ଦ କରି ଏବେ ଭିକ୍ଷା ମାଗୁଥିବା ସୁଇପର ଓ ଜମାଦାର ସଂଘ ପ୍ରକାଶ କରିଛି। ମହାମାରୀ ସମୟରେ ଜୟପୁର ପୌରପାଳିକା ସହର ସାରା କିପରି ସଫା ରହିବ ଏଥିପାଇଁ ସଫେଇ କର୍ମଚାରୀଙ୍କୁ ଲଗାଇ ସଫେଇ କରିଥିଲା। ଏବେ ୪ମାସ ହେବ ଏହି ସଫେଇ କର୍ମଚାରୀ ଦରମା ପାଇନାହାନ୍ତି। ଏହାର ପ୍ରତିବାଦରେ କର୍ମଚାରୀମାନେ ସଫେଇ କାମ ବନ୍ଦ କରିଛନ୍ତି। ବକେୟା ଦରମା ପାଇଁ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଜୟପୁର ପୌରପାଳିକା ଅଧୀନରେ ୨୮ଟି ୱାର୍ଡ ରହିଛି। ଏହାର ସଫେଇ ପାଇଁ ପୌରପାଳିକା ଏକ ଠିକା ସଂସ୍ଥାକୁ ଏହି ଦାୟିତ୍ୱ ଦେଇଛି। ମାତ୍ର ଠିକାସଂସ୍ଥା ୭ ମାସ ହେଲା କର୍ମଚାରୀଙ୍କ ଦରମା ବାବଦକୁ ଆବଶ୍ୟକ ଟଙ୍କା ପୌରପାଳିକା ଦେଇ ନ ଥିବା ସଫେଇ ଦେଇଛି। କୌଣସି କର୍ମଚାରୀଙ୍କୁ କାର୍ଯ୍ୟରୁ ବାହାର କରିବା ନେଇ ଧମକ ଦିଆଯାଇନାହିଁ ବୋଲି ଠିକାସଂସ୍ଥା ପକ୍ଷରୁ କୁହାଯାଇଛି।

# ଜୟପୁରରେ ସେବା ଯୋଗାଇବ ବୁଲେଟ ଆମ୍ବୁଲାନ୍ସ



ଜୟପୁରରେ ପହଞ୍ଚିଥିବା ବୁଲେଟ ଆମ୍ବୁଲାନ୍ସ ।

ଜୟପୁର,୧୫ା୬(ନି.ପ୍ର.)

ଜୟପୁରରେ ପହଞ୍ଚିଛି ବୁଲେଟ ଆମ୍ବୁଲାନ୍ସ । ଜୟପୁରର ଉପାନ୍ତ ଅଞ୍ଚଳର ଯେଉଁ ଗ୍ରାମକୁ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନାହିଁ ସେ ଅଞ୍ଚଳକୁ ଏହି ବୁଲେଟ ଆମ୍ବୁଲାନ୍ସ ଯାଇ ସେବା ଯୋଗାଇବ। ଗର୍ଭବତୀ ଓ ରୋଗୀଙ୍କୁ ବୁଲେଟ ଆମ୍ବୁଲାନ୍ସ ଚିକିତ୍ସାଳୟକୁ ନେବ ନଚେତ୍ ମୁଖ୍ୟ ରାସ୍ତାକୁ ଆଣିବ । ସେଠାରୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସାଳୟକୁ ଅଣାଯିବ । ବୁଲେଟ ଆମ୍ବୁଲାନ୍ସରେ ଅକ୍ସିଜେନ ରହିଛି ଓ ସାଇରନ ମଧ୍ୟ ବାଜୁଛି । ଏହାଦ୍ୱାରା ଉପାନ୍ତ ଅଞ୍ଚଳବାସୀ ଉପକୃତ ହେବା ସହ ଗରିବ ଲୋକେ ସ୍ୱାସ୍ଥ୍ୟସେବା ପାଇବେ ବୋଲି ଆଶା କରାଯାଉଛି। ଉପାନ୍ତ ଅଞ୍ଚଳକୁ ଆମ୍ବୁଲାନ୍ସ ଯାଇପାରୁ ନ ଥିବାରୁ ଗ୍ରାମବାସୀ ଭାର କରି ରୋଗୀକୁ ଚିକିତ୍ସାଳୟକୁ ଆଣୁଥିଲେ । ବୁଲେଟ ଆମ୍ବୁଲାନ୍ସ ଦ୍ୱାରା ଭାର ବୁହାକୁ ରୋକ ଲଗାଯାଇପାରିବ ବୋଲି ମତ ପ୍ରକାଶ ପାଇଛି ।

# ମାସେ ନ ପୂରୁଣୁ ପ୍ରଥମ ବର୍ଷାରେ ଉଠିଗଲା ପିଚୁ

ବୈପାରିଗୁଡ଼ା,୧୫ା୬(ଡି.ଏନ୍.ଏ.)



ଗୋଟିଏ ବର୍ଷାରେ ରାସ୍ତାରୁ ଉଠିଯାଇଥିବା ପିଚୁ।

ବୈପାରିଗୁଡ଼ାଠାରୁ ବୀରଖମ୍ଭ ମନ୍ଦିର ପର୍ଯ୍ୟନ୍ତ ଅଢ଼େଇ କିଲୋମିଟର ରାସ୍ତା ନିର୍ମାଣ ନିମ୍ନମାନର ହୋଇଛି। ନିର୍ମାଣର ମାସେ ନ ପୂରୁଣୁ ଗୋଟିଏ ବର୍ଷାରେ ରାସ୍ତାରୁ ପିଚୁ ଉଠିଗଲାଣି। ରାସ୍ତା ପାଇଁ ବିଧାୟକ ପାଣ୍ଠି ଓ ନାଲ୍କୋ ପାଣ୍ଠିରୁ ଅଢ଼େଇ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା କାର୍ଯ୍ୟ ହୋଇଥିଲା। ଏହି ଅର୍ଥ ଏବେ ପାଣିରେ ପଡ଼ିଛି। ଏପରି ବର୍ଷା ଜାରି ରହିଲେ ମାସ ଶେଷ ବେଳକୁ ରାସ୍ତାରୁ ସମ୍ପୂର୍ଣ୍ଣ ଭାବେ ପିଚୁ ଉଠିଯିବ ବୋଲି ମତ ପ୍ରକାଶ ପାଉଛି। ରାସ୍ତାରେ ଠିକ୍ ଭାବେ ମେଟାଲିଂ ହୋଇନାହିଁ। ଗୋଟିଏ ଥର ପତଳା ସ୍ତର ପିଚୁ ପକାଯାଇ କାର୍ଯ୍ୟ ହୋଇଥିବାରୁ ଏପରି ହୋଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ରାସ୍ତା କାମ ଠିକ୍ ଥିବା ସଫେଇ ଦେଇଥିଲେ।

## ବୃକ୍ଷରୋପଣ କାର୍ଯ୍ୟକ୍ରମ

ଏମ୍ଭି ୭୯,୧୫ା୬(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଲୁଗେଲ ପଞ୍ଚାୟତରେ ମଙ୍ଗଳବାର ଉତ୍ତମ ବାୟୋ କ୍ଲିନ ଫୁଲ ଆଣ୍ଡ ଏନର୍ଜୀ ପ୍ରାଇଭେଟ ଲିମିଟେଡ ପକ୍ଷରୁ ବୃକ୍ଷରୋପଣ ଓ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ମାନସ ମାଡକାମି ଓ ବିଡିଓ ଉମାଶଙ୍କର ଦଳାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଲୁଗେଲ ପଞ୍ଚାୟତର ସରପଞ୍ଚଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂସ୍ଥାର ଆବାହକ ଉତ୍ତମ ମଲ୍ଲିକ ପରିଚାଳନା କରିଥିଲେ।

# ଜୟପୁର ଉପ କାରାଗାରକୁ ଆଇଏସ୍ଓ ମାନ୍ୟତା

ଜୟପୁର, ୧୫ା୬ (ନି.ପ୍ର.)

ଆଇଏସଓ ମାନ୍ୟତା ପାଇଛି କୋରାପୁଟ ଜିଲା ଜୟପୁର ଉପ କାରାଗାର । ଉପ କାରାଗାରର ଭିତ୍ତି ଭୂମି, ଖାଦ୍ୟ, ସଂସ୍କାର, ଲଘୁ ଉଦ୍ୟୋଗ, ପରିଷ୍କାର ପରିଚ୍ଛନ୍ନତା, ସୌନ୍ଦର୍ଯ୍ୟକରଣ, କୋରନା ରୋଗୀଙ୍କ ପାଇଁ କ୍ୱାରେଣ୍ଟାଇନ ବ୍ୟବସ୍ଥା, ପରିସ୍କାର ରୋଷେଇ ଘର ଓ ଶୌଚାଳୟ ସମ୍ପର୍କରେ ଚଚେତନତା ସୃଷ୍ଟି, କଏଦୀଙ୍କ ବ୍ୟବହାରରେ ପରିବର୍ତ୍ତନ ପାଇଁ ପ୍ରୟାସ, ପାର୍କ ନିର୍ମାଣ, ଅଧିକ ସଂଖ୍ୟାରେ କଏଦୀ ରହିବା ବ୍ୟବସ୍ଥା, ଖେଳପଡିଆ, ପ୍ରଶାସନିକ ଭବନ, କଏଦୀଙ୍କ ପାଇଁ କ୍ୟାଣ୍ଟିନ, ଲଣ୍ଡ୍ରି, ସେଲୁନ ବ୍ୟବସ୍ଥା, କିଓସ୍କାର ବ୍ୟବସ୍ଥା, ଇ-ମୁଲାକତ, ୱେଲଫର ଫଣ୍ଡ ,ଆଧାର ଲିଙ୍କ, ଭିଡିଓ କନଫରେନ୍ସି ବ୍ୟବସ୍ଥା, ବାର୍ଷିକ କ୍ରୀଡା, କଏଦୀଙ୍କ ସମ୍ପର୍କୀୟଙ୍କ ପାଇଁ ବିଶ୍ରମ ଗୃହ,ଦୈନିକ ଜେଲ ସଫେଇ, ନଳକୂପ ଖନନ କରି ମୋଟର ଲଗାଇବା, କୋରନା ରୋଗୀଙ୍କ ପାଇଁ ଗରମ ପାଣି ବ୍ୟବସ୍ଥା ଆଦିକୁ ବିଚାରକୁ ନେଇ କାରାଗାରକୁ ଆଇଏସଓ ୯୦୦୧ ଓ ୨୦୧୫ ଜ ପ୍ରମାଣପତ୍ର ମିଳିଛି । ଏହି କାରାଗାର ୧୯୫୯ରେ ୫ ଏକର ୪୭ ଡିସିମିଲ ଜାଗାରେ ନିର୍ମାଣ ହୋଇଥିଲା। ବର୍ଷ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡି ରହିଥିବା ଏହି ଜେଲର ଗତ ବର୍ଷେ ହେଲା ରୂପରେଖ ବଦଳିଥିଲା ।ପୂର୍ବତନ ଜେଲ୍ ଅଧୀକ୍ଷକ ଲଲାଟେନ୍ଦୁ ଭୂଷଣ ଦାସଙ୍କ ତତ୍ତ୍ୱାବଧାନରେ ଜେଲ୍ ସଂସ୍କାର କାର୍ଯ୍ୟକ୍ରମ ହୋଇଥିଲା। ଏହାର ଫଳସ୍ୱରୂପ ଏବେ ଏହି ଜେଲ୍‌କୁ ଆଇଏସଓ ମାନ୍ୟତା ମିଳିଛି।

# ଶ୍ରମିକ ଚାଲାଣ କରୁଥିବା ୨ ବ୍ୟକ୍ତି ଗିରଫ

- ୬ମାସ ହେଲା କାମ କରିବାକୁ ଆନ୍ଧ୍ର ନେଇଥିଲେ
- ଯିବା ପରଠାରୁ ୮ ଶ୍ରମିକଙ୍କ ଫୋନ ସୁଇଚ୍ ଅଫ୍ ଥିଲା
- ଆନ୍ଧ୍ର ପୋଲିସ ସହାୟତାରେ ଉଦ୍ଧାର କଲା ପୋଲିସ

ମାଲକାନଗିରି,୧୫ା୬ (ଡି.ଏନ୍.ଏ.)



ଗିରଫ ଦୁଇ ଅଭିଯୁକ୍ତ ।

ମାଲକାନଗିରି ଜିଲାରୁ ବାହାର ରାଜ୍ୟକୁ ଶ୍ରମିକ ଚାଲାଣ କରୁଥିବା ଦୁଇଜଣ ବ୍ୟକ୍ତିଙ୍କୁ ମାଲକାନଗିରି ପୋଲିସ ଗିରଫ କରଛି। ସେମାନେ ହେଲେ ଦେବରାଜ ପାତ୍ର ଓ ଅଜିତ ମଣ୍ଡଳ। ଖବରରୁ ଜଣାପଡିଛି ୬ମାସ ତଳେ ଦେବରାଜ କାଲିମେଳା ବ୍ଲକ ବେଜାଙ୍ଗିବାଡା ଗ୍ରାମର ୮ଜଣଙ୍କୁ ଶ୍ରମିକ ଭାବେ କାର୍ଯ୍ୟ କରିବା ପାଇଁ ଆନ୍ଧ୍ରପ୍ରଦେଶକୁ ନେଇଥିଲେ। ଏହି ୮ଜଣଙ୍କ ମଧରେ ଖଗପତିଙ୍କ ପୁଅ ଥିଲେ। ତେବେ କାମ କରିବା ପାଇଁ ଆନ୍ଧ୍ରକୁ ଯିବା ପରେ ଖଗପତିଙ୍କ ସମେତ କାହା ସହ ଯୋଗାଯୋଗ ହୋଇପାରୁ ନ ଥିଲା। ସମସ୍ତଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ହୋଇଥିଲା। ଏଥିରେ ସନ୍ଦେହ ପ୍ରକାଶ କରି ଖଗପତି କାଲିମେଳା ଥାନାରେ ଗଜ ୧୩ା୫ା୨୧ରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ଏହାର ତଦନ୍ତ ଚାଲିଥିଲା। ତଦନ୍ତ ବେଳେ ଜଣାପଡିଥିଲା ଯେ, ଦେବରାଜ ଏବଂ ଯେଉଁ ଗାଡିରେ ଏହି ୮ଜଣ ଯାଇଥିଲେ ଏହି ଗାଡିର ଡ୍ରାଇଭର ଅଜିତ ମଣ୍ଡଳ ଏମାନଙ୍କୁ ଆନ୍ଧ୍ରର ବିଶାଖାପାଟଣା ଜିଲା ଦାରାକୋଣ୍ଡା କଲୋନୀର ଟି. କ୍ରିଷ୍ଣା ଦୋରାଙ୍କ ନିକଟରେ ରଖିଥିଲେ। ସେଠାରୁ କମିଶନ ନେଇ ଏହି ୮ଜଣଙ୍କୁ ରାଜମହେନ୍ଦ୍ରିରେ କାରେ ପୋଷାୟାଙ୍କୁ ହସ୍ତାନ୍ତର କରିଥିଲେ। ପୋଲିସ ଆନ୍ଧ୍ର ପୋଲିସ ସହାୟତାରେ ତଦନ୍ତ କରି ସମ୍ପୃକ୍ତ ୮ଜଣଙ୍କୁ ଉଦ୍ଧାର କରାଯାଇଛି। ଏଥିରେ ସମ୍ପୃକ୍ତ ମନିଲାପାଲ୍ଲି ଦେବୁଡୁ, କାରେ ପୋସାୟା, ଓ ଟି. କ୍ରିଷ୍ଟାଦୋରାଙ୍କୁ ଆନ୍ଧ୍ରପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଉଦ୍ଧାର ୮ ବ୍ୟକ୍ତି କହିଛନ୍ତି ଯେ,ସେମାନଙ୍କୁ ଆନ୍ଧ୍ରର ନେଲୁର ଜିଲା ସୋମାସିଲ ରିଜରଭୟରରେ କାମ କରିବାକୁ ନେଇ ସେଠାରେ କୌଣସି ଟଙ୍କା ନ ଦେଇ ୫ମାସ ହେଲା ୧୨ ଘଣ୍ଟା ଖଟାଉଥିଲେ। ସେମାନଙ୍କ ନିକଟରେ ଥିବା ଫୋନ୍‌କୁ ଛଡାଇ ନେଇ ଯାଇଥିଲେ।

## ଗୋଷ୍ଠୀ ସଂଘର୍ଷରେ ୨ ଆହତ, ୧୩ ଗିରଫ

ଆସିକା,୧୫ା୬(ଡି.ଏନ୍.ଏ.)

ଆସିକା ଥାନା ବଡ଼ଖୋଲି ପଞ୍ଚାୟତ ସରପଞ୍ଚ ଓ ସରପଞ୍ଚ ବିରୋଧୀ ଗୋଷ୍ଠୀ ମଧ୍ୟରେ ରବିବାର ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ପକ୍ଷରୁ ୨ଜଣ ଆହତ ହୋଇଛନ୍ତି। ଆସିକା ପୋଲିସ ଉଭୟ ପକ୍ଷଙ୍କ ଏତଲାକୁ ଭିତ୍ତି କରି ନଂ. ୩୬୬, ୩୬୭/୨୧ରେ ଦୁଇଟି ମାମଲା ରୁଜୁ କରିଥିଲା। ଏହି ଘଟଣାରେ ମଙ୍ଗଳବାର ଉଭୟ ପକ୍ଷରୁ ୧୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗୋଟିଏ ପକ୍ଷର ସରପଞ୍ଚଙ୍କ ସ୍ୱାମୀ ନାଗାର୍ଜୁନ ବିଷୋୟୀଙ୍କ ଅଭିଯୋଗ କ୍ରମେ ଭରତ ନାହାକ, ବାବୁଲା ପାତ୍ର, ସୀମାଞ୍ଚଳ ପ୍ରଧାନ, ଗୁଲୁ ସେଠୀ, କାହ୍ନୁ ଲେଙ୍କା, ସନ୍ତୋଷ ଦୋରା, ରତ୍ନାକର ବିଷୋୟୀ, ଦାଶରଥି ବିଷୋୟୀ ଓ ସନ୍ଦିପ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିଲା। ସେହିଭଳି ଅପରପକ୍ଷ ଗୋଷ୍ଠୀର ଏମ୍. ସନ୍ତୋଷ କୁମାର ଦୋରାଙ୍କ ଅଭିଯୋଗ କ୍ରମେ ପୋଲିସ ନାଗାର୍ଜୁନ ବିଷୋୟୀ, କାହ୍ନୁ ଗୌଡ଼, ଭାସ୍କର ଦୋରା ଓ ସୀମାଞ୍ଚଳ ପାଢ଼ୀଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଉଭୟ ପକ୍ଷଙ୍କ ଆକ୍ରମଣ ପ୍ରତି ଆକ୍ରମଣର କାରଣ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ଦାଖଲ କରିନଥିଲେ ମଧ ଏହା ଏକ ପ୍ରାକ୍ ନିର୍ବାଚନୀ ହିଂସାକାଣ୍ଡ ବୋଲି ଅନୁମାନ କରାଯାଉଛି।

# ପାଣ୍ଡ୍ରିପାଣି ଫାର୍ମାସିଷ୍ଟଙ୍କ ବଦଳି ବାତିଲ ଦାବି କଲେ ଅଞ୍ଚଳବାସୀ




ଫାର୍ମାସିଷ୍ଟଙ୍କ ବଦଳିକୁ ବିରୋଧ କରୁଛନ୍ତି ଅଞ୍ଚଳବାସୀ ।

ମାଲକାନଗିରି,୧୫ା୬(ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟଙ୍କ ବଦଳି ବାତିଲ କରିବା ଦାବିରେ ମଙ୍ଗଳବାର ଅଞ୍ଚଳବାସୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଜଣ ଡାକ୍ତର ଅଛନ୍ତି। ଡାକ୍ତରମାନେ ବିଭିନ୍ନ ସମୟରେ ଅନୁପସ୍ଥିତ ଥିବାବେଳେ ଫାର୍ମାସିଷ୍ଟ ନିମାଇଁ କୁମାର ପରିଡ଼ା ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥାନ୍ତି। କରୋନା ମହାମାରୀ ସମୟରେ ସେ ଉତ୍ତମ କାର୍ଯ୍ୟ କରୁଛନ୍ତି। ଏହି ସମୟରେ ତାଙ୍କୁ ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିବାରୁ ଏହାକୁ ବାତିଲ କରିବାକୁ ପୂର୍ବତନ ବ୍ଲକ ଉପାଧକ୍ଷ ଡାନିଏଲ ପାଟଲା, ସାମାଜିକ କର୍ମୀ ଶରତ ଚନ୍ଦ୍ର ବୁରୁଦା, ଲୋକ ପ୍ରତିନିଧିଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଲୋକଙ୍କ ଦାବିକୁ ବିଚାରକୁ ନେଇ ବଦଳି ବାତିଲ ସମ୍ପର୍କରେ ଆଗାମୀ ଦିନରେ ନିଷ୍ପତ୍ତି ନିଆଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୱେବିନାର

କୋରାପୁଟ,୧୫ା୬(ସ୍ୱ.ପ୍ର.)

ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତା ନିଶ୍ଚିତତା ସେଲ (ଆଇକ୍ୟୁଏସି) ପକ୍ଷରୁ ମଙ୍ଗଳବାର ପ୍ରାଚୀନ ଭାରତରେ ହେରିଟେଜ୍ ସଂସ୍କୃତି ଓ ବର୍ତ୍ତମାନ ସମୟରେ ଏହାର ପ୍ରାସଙ୍ଗିକତା ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ଯୋଗଦେଇ ଏହାଦ୍ୱାରା ଛାତ୍ରୀଛାତ୍ରମାନେ ପ୍ରାଚୀନ ସଂସ୍କୃତିର ମହାନ ପରମ୍ପରା ଓ ପ୍ରକୃତିକୁ ଭଲ ପାଇବା ଏବଂ ଏହାର ସୁରକ୍ଷା ନେଇ ଶିକ୍ଷାଲାଭ କରିପାରିବେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଯୋଗଦେଇ ବର୍ତ୍ତମାନ ସମୟରେ ପ୍ରାଚୀନ ଭାରତର ହେରିଟେଜ ସଂସ୍କୃତିର ବହୁ ପ୍ରାସଙ୍ଗିକତା ରହିଛି ବୋଲି କହିଥିଲେ। ପ୍ରକୃତି ସହିତ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ, ପ୍ରାକୃତିକ ସମ୍ପଦର ସର୍ବନିମ୍ନ ଉପଯୋଗ, ପ୍ରକୃତିର ସୁରକ୍ଷା ଏବଂ ସାଧାରଣ ଜୀବନ ଶୈଳୀ ପ୍ରାଚୀନ ସଂସ୍କୃତିର ମୁଖ୍ୟ ବୈଶିଷ୍ଟ ଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ । ପ୍ରଫେସର ଶରତ କୁମାର ପାଲିତାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ପ୍ରଫେସର ପିଏସ ଅବଧାନି, ପ୍ରଫେସର ଅକ୍ଷୟ ରାଉତ, ପ୍ରଫେସର ଭଗବତ ପାତ୍ର, ପ୍ରଫେସର କେ ସି ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଓଡିଆ ବିଭାଗ ମୁଖ୍ୟ ଡ. ଆଲୋକ ବରାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଫେସର ଇ. ରାଜା ରାଓ ଉଦଯାପନୀ ଭାଷଣ ଦେଇଥିଲେ। ଡ. ବୀରେନ୍ଦ୍ର କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଲୋକ ସଂପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ଛାତ୍ରୀଛାତ୍ର, ଅଧାପିକା, ଅଧାପକମାନେ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଚାପୁଡ଼ା ମାରି ଯୁବକ ଗିରଫ

ଆସିକା,୧୫ା୬(ଡି.ଏନ୍.ଏ.)- ଆସିକା-ବ୍ରହ୍ମପୁର ମୁଖ୍ୟରାସ୍ତାର କର୍ଣ୍ଣୋଲି ଛକରେ ରବିବାର ପରିବା ଦୋକାନ କରିଥିବା ଜଣେ ନାବାଳିକାଙ୍କୁ ଚାପୁଡ଼ା ମାରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଆସିକା ଥାନା ନଳବଣ୍ଟା ଗ୍ରାମର ପାଣ୍ଡବ ପାହାନ। ଏ ନେଇ ନଂ. ୩୬୮/୨୧ରେ ଏକ ମାମଲା ରୁଜୁ ହୋଇଛି। ନାବାଳିକା ପରିବା ଦୋକାନରେ ଥିଲା ବେଳେ ଅଭିଯୁକ୍ତ ଆସି ବିନା କାରଣରେ ତାଙ୍କୁ ଅଟକାଇ ଚାପୁଡ଼ା ମାରିବା ସହ ଧମକ ଦେଇଥିବା ନାବାଳିକା ଥାନାରେ ଅଭିଯୋଗ କରିଛନ୍ତି।

# କୂଅରୁ ଯୁବକଙ୍କ ମୃତଦେହ ଜବତ

ସେମିଳିଗୁଡ଼ା,୧୫ା୬(ସ୍ୱ.ପ୍ର.)

ସେମିଳିଗୁଡ଼ା ତଳସାହିରୁ ସୋମବାର ରାତି ୧୧ଟାରେ ଏକ କୂଅରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଆଶିଷ କୁମାର ପଣ୍ଡା (୨୧), ତାଙ୍କ ଘର ତଳସାହିରେ ବୋଲି ଜଣାପଡ଼ିଛି। ଆଶିଷ ବହୁଦିନରୁ ମାନସିକ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା। କିଛିଦିନ ତଳେ ସେ ଘର ଛାଡ଼ି ପଳାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ଘରକୁ ଆଣିଥିଲେ। ସୋମବାର ରାତ୍ରି ପ୍ରାୟ ୧୦ଟାରେ ଆଶିଷ ପରିସ୍ରା ଯିବା ପାଇଁ କହି ଘରୁ ବାହାରକୁ ଯାଇଥିଲେ। ରାତିର ଅନ୍ଧାରରେ ଜାଣି ନ ପାରି ସାହି ଭିତରେ ଥିବା କୂଅ ଭିତରେ ପଡ଼ିଯାଇଥିଲେ। ଖବର ପାଇ ସେମିଳିଗୁଡ଼ା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କ ମୃତଦେହ କୂଅରୁ ବାହାର କରିଥିଲେ। ସେମିଳିଗୁଡ଼ା ଥାନାରେ କେସ୍ ନଂ. ୫/୨୧ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଥିବା ଏଏସ୍ଆଇ ଶରତ ଚନ୍ଦ୍ର ବିଷୋୟୀ କହିଛନ୍ତି।

# ୬୩ ପଜିଟିଭ ଚିହ୍ନଟ

କୋରାପୁଟ,୧୫ା୬(ସ୍ୱ.ପ୍ର.)



କୋରାପୁଟ ଜିଲାରେ କରୋନାର ନିମ୍ନମୁଖୀ ଗତି ଜାରି ରହିଛି। ମଙ୍ଗଳବାର ଚତୁର୍ଥ ଦିନ ପାଇଁ ମଧ ଜିଲାରେ ପଜିଟିଭ୍ ହାର ୨ ଅଙ୍କରେ ସୀମିତ ରହିଛି। ମାତ୍ର ୬୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୭୦୩୭ ହୋଇଛି। ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ଜିଲାର ଜୟପୁର ପୌରାଞ୍ଚଳରୁ ୧୪ଜଣ, କୋରାପୁଟ ପୌରାଞ୍ଚଳରୁ ୫ , କୋଟପାଡ ଏନଏସିରୁ ୩ ଓ ସୁନାବେଡା ପୌରାଞ୍ଚଳରୁ ୫ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଜିଲାର ବୋରିଗୁମ୍ମା ବ୍ଲକ ଅଞ୍ଚଳରୁ ୩ , ବୈପାରିଗୁଡା ବ୍ଲକରୁ ୯, କୋରାପୁଟ ବ୍ଲକରୁ ୨, କୋଟପାଡ ବ୍ଲକରୁ ଜଣେ, କୁନ୍ଦୁରା ବ୍ଲକରୁ ୫, ଲମତାପୁଟ ବ୍ଲକରୁ ଜଣେ, ଲକ୍ଷ୍ମୀପୁର ବ୍ଲକରୁ ୧୧, ନନ୍ଦପୁର ବ୍ଲକରୁ ଜଣେ, ନାରାୟଣପାଟଣା ବ୍ଲକରୁ ୩ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଜିଲାରୁ ୨୪୨ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସୁସ୍ଥବ୍ୟକ୍ତିଙ୍କ ସଂଖ୍ୟା ୧୫ ହଜାର ୭୨୭ରେ ପହଞ୍ଚିଛି ।

# ପ୍ରଶାସନ ଶୁଣିଲାନି, ଗ୍ରାମବାସୀ କଲେ ରାସ୍ତା କାମ

ବୈପାରିଗୁଡ଼ା,୧୫ା୬(ଡି.ଏନ୍.ଏ.)



ରାସ୍ତା ନିର୍ମାଣ କରୁଥିବା ଗ୍ରାମବାସୀ।

ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ଅନେକ ପ୍ରକଳ୍ପ ରହିଛି । ବୈପାରିଗୁଡ଼ା ବ୍ଲକ ରାମଗିରି ପଞ୍ଚାୟତ ଭାଲୁଗୁଡ଼ା ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ନିକଟରେ ପାଣ୍ଠି ନାହିଁ। ଏନେଇ ଗ୍ରାମବାସୀ ପ୍ରଶାସନକୁ ବାରମ୍ବାର ଜଣାଇ ନିରାଶ ହୋଇ ଶେଷରେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରିବା ସହ ଶ୍ରମଦାନ କରି ରାସ୍ତା କାମ କଲେ ।

ରାମଗିରି ମୁଖ୍ୟ ରାସ୍ତାରୁ ପ୍ରାୟ ୫ଶହ ମିଟର ଦୂରରେ ରହିଛି ଭାଲୁଗୁଡ଼ା ଗ୍ରାମ । ଏହି ୫ ଶହ ମିଟର ରାସ୍ତା ଖାଲଡିପ ହୋଇ ଶୋଚନୀୟ ହୋଇପଡ଼ିଛି। ବର୍ଷାଦିନେ ପାଣି ଜମି କାଦୁଅ ହେଉଛି। ଏହି ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ଅନେକଥର ଗ୍ରାମବାସୀ ବ୍ଲକ ପ୍ରଶାସନକୁ ଜଣାଇଲେ ମଧ କୌଣସି ସୁଫଳ ମିଳିଲା ନାହିଁ । ଶେଷରେ ସେମାନେ ବାଧହୋଇ ନିଜେ ରାସ୍ତା ନିର୍ମାଣ କରିଛନ୍ତି। ଗୋଟିଏ ଜେସିବି ମେଶିନ ଓ ୨ଟି ଟ୍ରାକ୍ଟର ଭଡ଼ାରେ ଆଣି ନିଜେ ଶ୍ରମିକ ଭାବେ କାମକରି ରାସ୍ତା ତିଆରି କରିଛନ୍ତି। ଗ୍ରାମବସୀଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

**ସଂକ୍ଷେପରେ**

## ସଂରକ୍ଷିତ ଜଙ୍ଗଲରୁ ହାତୀ ମୃତଦେହ ଠାବ



**ବନ୍ତଳା, ୧୫।୬(ଡି.ଏନ.ଏ.):** ଅନୁଗୋଳ ବନାଞ୍ଚଳ ପୁରୁଣାକୋଟ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମ ନିକଟବର୍ତ୍ତୀ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ଅପରାହ୍ନରେ ଏକ ମାଈହାତୀର ମୃତଦେହ ଠାବ କରାଯାଇଛି। ଜଙ୍ଗଲରେ ହାତୀ ମୃତଦେହ ପଡ଼ିଥିବା ସୂଚନା ପାଇ ରେଞ୍ଜ ଅଧିକାରୀ ସତ୍ୟବ୍ରତ ପ୍ରଧାନ ସଦଳବଳ ପହଞ୍ଚିଥିଲେ। ଅନୁଗୋଳ ଡିଏଫ୍‌ଓ ପ୍ରସନ୍ନ ବେହେରା, ପ୍ରାଣୀଧନ ଚିକିତ୍ସାଧିକାରୀ ଘଟଣାସ୍ଥଳରେ ତଦନ୍ତ କରିବା ପରେ ମୃତହାତୀର ବ୍ୟବଚ୍ଛେଦ କରାଯାଇଥିଲା। ତେବେ କେଉଁ କାରଣରୁ ଏହାର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଶିକାରୀ ଫାଶରେ ହାତୀଟିର ଜୀବନ ଯାଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ରେଞ୍ଜ ଅଧିକାରୀ ପ୍ରଧାନ କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର କାରଣ ସ୍ପଷ୍ଟ ହେବ।

## ପ୍ରେମିକଙ୍କ ଗଳା କାଟି ଦେଲେ ଭାଇ

**ଭଉଣୀଙ୍କୁ ପ୍ରେମ ନିବେଦନ କାଳ ହେଲା**

**ପାରାଦୀପ, ୧୫।୬(ସ୍ୱ.ପ୍ର.):** ଭଉଣୀଙ୍କୁ ପ୍ରେମ ନିବେଦନ କରିଥିବା ପ୍ରେମିକଙ୍କ ଗଳା କାଟି ଦେଇଛନ୍ତି ଭାଇ। ପାରାଦୀପ ଅଭୟଚାନ୍ଦପୁର ଥାନା ଅଞ୍ଚଳରେ ମଙ୍ଗଳବାର ଏହି ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ଭାଇଙ୍କୁ ଗିରଫ କରିବା ସହ ମାମଲା (ନଂ.୪୭/୨୧) ରୁଜୁ କରିଛି। ଗୁରୁତର ଅବସ୍ଥାରେ ପ୍ରେମିକଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପ୍ରେମିକ ଜଣକ ହେଲେ ସ୍ଥାନୀୟ ଅଞ୍ଚଳର ଚିନ୍ମୟ ମଲ୍ଲିକ। ପୋଲିସ ସୂଚନା ଅନୁଯାୟୀ, ଚିନ୍ମୟ ବାରମ୍ବାର ଅଭିଯୁକ୍ତଙ୍କ ଭଉଣୀକୁ ପ୍ରେମ ନିବେଦନ କରୁଥିଲେ। ଏଥିସହ ବିଭିନ୍ନ ସମୟରେ ଅଶାଳୀନ ବ୍ୟବହାର କରୁଥିଲେ। ଏ ନେଇ ଯୁବତୀ ଜଣକ ଘରେ ସବୁକଥା ଜଣାଇଥିଲେ। ମଙ୍ଗଳବାର ରଜ ଉତ୍ସବ ସମୟରେ ଘର ପାଖରେ ପୁଣି ସମାନ ଘଟଣା ଘଟିଥିଲା। ଏହି ସମୟରେ ଅଭିଯୁକ୍ତ ଭାଇ ଉପସ୍ଥିତ ଥିଲେ। ଚିନ୍ମୟ ପ୍ରେମ ନିବେଦନ କରିବାବେଳେ ଅଭିଯୁକ୍ତ ଉତ୍କ୍ଷିପ୍ତ ହୋଇ ଏକ ବ୍ଲେଡରେ ତାଙ୍କ ଗଳା କାଟି ଦେଇଥିଲେ।

# ରୟତି ଜମିରୁ ବେଆଇନ ଗଛକଟା

**ସମ୍ବଲପୁର, ୧୫।୬(ବ୍ୟୁରୋ)**

**ସମ୍ବଲପୁର ବନଖଣ୍ଡ**
- ୪ ବର୍ଷରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଗଛ କାଟିବାକୁ ଅନୁମତି
- ସାବିକ ଓ ହାଲ୍ କିସମର ମେଳ ନାହିଁ

ସମ୍ବଲପୁର ବନଖଣ୍ଡରେ ରୟତି ଜମିରୁ ବେଆଇନ ଭାବେ ଗଛକଟା ଚାଲିଛି। ଆବେଦନ କରିଥିବା ଜମିର ସାବିକ କିସମ ଓ ହାଲ୍ କିସମ ମେଳ ଖାଉ ନ ଥିଲେ ମଧ୍ୟ ବେଆଇନ ଭାବେ ଅନୁମତି ଦିଆଯାଉଛି। ସାବିକ ଓ ହାଲ୍ କିସମ ସମାନ ହେଲେ ବିଭିନ୍ନ ଦିଗକୁ ତର୍ଜମା କରି ଡିଏଫ୍‌ଓ ଗଛ କାଟିବାକୁ ଅନୁମତି ଦେବା ନିୟମ ରହିଛି। ହେଲେ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ୪ବର୍ଷ ଭିତରେ ଏହି ବନଖଣ୍ଡରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଗଛ କାଟିବା ପାଇଁ ଅନୁମତି ଦିଆଯାଇଛି, ଯାହା ୧୦ ଲକ୍ଷ ସିଏଫ୍‌ଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗ ହେଉଛି।

ମାଫିଆମାନେ ଗଛ କାଟିବା ପାଇଁ ପ୍ରଥମେ ରୟତି ଜମି ମାଲିକଙ୍କ ନାମରେ ଅନୁମତି ନେଉଛନ୍ତି। ପରେ ସେମାନେ ଅନୁମତି ପାଇଥିବା ଗଛ କାଟିବା ସହ ଜମି ନିକଟ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ କାଟି ନେଉଛନ୍ତି। ଏଥିରେ ପ୍ରାୟ ୧୦ କୋଟି ଟଙ୍କାର କାରବାର ହୋଇଥିବା ଅଭିଯୋଗ ହେଉଛି। ଏଭଳି ଲକ୍ଷାଧିକ ଗଛ ବିହାର, ଝାଡ଼ଖଣ୍ଡ, କଲିକତା, ଛତିଶଗଡ଼, ମଧ୍ୟପ୍ରଦେଶ ସମେତ ରାଉରକେଲା, ଭଦ୍ରକ, କଟକ, ଭୁବନେଶ୍ୱର, ଅନୁଗୋଳ ଆଦି ଜିଲାକୁ ଚୋରା ଚାଲାଣ ହେଉଛି। ଏଥିରେ ଝାଡ଼ଖଣ୍ଡ ଓ ରାଉରକେଲାର



ସମ୍ବଲପୁର ସଦର ରେଞ୍ଜ ଅଞ୍ଚଳରେ କଟାଯାଇଥିବା ଗଛ।

ମାଫିଆ ସମ୍ପୃକ୍ତ ରହିଥିବା ବେଳେ ଜିଲାର କେତେଜଣ ରାଜନେତା ମଧ୍ୟସ୍ଥ କାମ କରୁଛନ୍ତି। ଜମି ମାଲିକମାନଙ୍କଠାରୁ ସିଏଫ୍‌ଟି ୫୦ ଟଙ୍କାରେ କିଣୁଥିବା ବେଳେ ବଜାରରେ ୫ ଶହରୁ ୬ ଶହ ଟଙ୍କାରେ ବିକ୍ରି କରାଯାଉଛି। ପ୍ରାୟ ୧୦ ଗୁଣା ଲାଭ ମିଳୁଥିବାରୁ ମୋଟା ଅଙ୍କରେ ଭାଗବଣ୍ଟା ହେଉଛି। ବନ ବିଭାଗର କେତେଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ସହଯୋଗ କରୁଛନ୍ତି। ଜମିମାଲିକଙ୍କ ନାମରେ ଅନୁମତି ପାଇଥିବା କେତେକ ଗଛର ଟ୍ରାନ୍‌ଜିଟ ପାସ୍ ତିଆରି କରି ଜଙ୍ଗଲରୁ ଗଛ କାଟି ବିକ୍ରି କରାଯାଉଛି। ଏ ନେଇ ବନ ବିଭାଗ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଗଛ କାଟିବା ପୂର୍ବରୁ ରାଜସ୍ୱ ଓ ବନ ବିଭାଗ ପକ୍ଷରୁ ରିପୋର୍ଟ ପ୍ରସ୍ତୁତ ହୋଇଥାଏ। ଗଛର ମୋଟେଇ, କେତେ ଦୂରତାରେ ଗଛ ରହିଛି, ଜମିର କିସମ ଓ ପରିମାଣ ଆଦି ଯାଞ୍ଚ ହୋଇଥାଏ। ସ୍ଥାନୀୟ ତହସିଲ ପକ୍ଷରୁ ମଧ୍ୟ ରିପୋର୍ଟ ଦିଆଯାଇଥାଏ। ହେଲେ ତହସିଲ କର୍ତ୍ତୃପକ୍ଷ ରିପୋର୍ଟ ଦେବାରେ ଚଞ୍ଚକତା କରୁଛନ୍ତି। ରିପୋର୍ଟ ମିଳିବା ପରେ ଗଛ କାଟିବା ପାଇଁ ଅନୁମତି ଦିଆଯାଏ। ଗଛ କାଟିବା ପରେ ବନ ବିଭାଗର ଜଣେ ରେଞ୍ଜର କିମ୍ବା ଏସିଏଫ୍ ସ୍ତରର ଅଧିକାରୀ ଗଛର ମାପଚୁପ କରନ୍ତି। ପରେ ଜମି ମାଲିକ କାଟିଥିବା ଗଛ ନେଇପାରିବେ। ଯଦି ଗଛ ବିକ୍ରି କରାଯିବ ତା'ହେଲେ ବନ ବିଭାଗ ଉପସ୍ଥିତିରେ ଗାଡିରେ ଲୋଡ୍ ହେବ ଓ ଟ୍ରାନ୍‌ଜିଟ ପାସ୍ ତିଆରି ହୋଇଥାଏ। ହେଲେ ଏସବୁ ନିୟମକୁ ଅଣଦେଖା କରାଯାଉଛି।

ସୂଚନା ଅନୁସାରେ ସମ୍ବଲପୁର ବନଖଣ୍ଡର ପଡିଆବାହାଲ ରେଞ୍ଜରେ ଅଧିକ ଗଛ କଟାଯାଇଛି। ସଦର, ଧମା, ରେଙ୍ଗାଲି ରେଞ୍ଜରେ ଥିବା ଜଙ୍ଗଲକୁ ଏବେ ବନ ବିଭାଗ ସହ ମିଶି ମାଫିଆମାନେ ପଦା କରିବାରେ ଲାଗିଛନ୍ତି। ରାସ୍ତା କଡ଼ରେ କେତେକ ବଡ଼ ବଡ଼ ଗଛ ଦେଖିବାକୁ ମିଳୁଛି, ହେଲେ ଜଙ୍ଗଲ ଭିତରେ ମୂଲ୍ୟବାନ ଗଛ ନାହିଁ। ଏପଟେ ବନ ବିଭାଗ ବନୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବୃକ୍ଷ ରୋପଣ କରୁଛି। ଅନ୍ୟପଟେ ମୋଟା ଅଙ୍କର ହାତଗୁଞ୍ଜା ନେଇ ମାଫିଆମାନଙ୍କୁ ସହାୟତା କରୁଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଡିଏଫ୍‌ଓ ଡ. ସଞ୍ଜିତ କୁମାର କହିଛନ୍ତି, ଜମି ମାଲିକମାନେ ବିଭିନ୍ନ ସମସ୍ୟା ଦେଖାଇ ଗଛ କାଟିବାକୁ ଅନୁମତି ଦେବାକୁ ଆବେଦନ କରୁଛନ୍ତି। ସ୍ଥାନୀୟ ତହସିଲ ଓ ବନ ବିଭାଗ ପକ୍ଷରୁ ସର୍ଭେ କରାଯାଇ ରିପୋର୍ଟ ପ୍ରସ୍ତୁତ ହେଉଛି। ପରେ ଅନୁମତି ଦିଆଯାଉଛି। ଗଛ କାଟିବା ପାଇଁ ଅନୁମତି ଦେବା ଆଇନରେ ରହିଛି। ହେଲେ କେତେକ ସ୍ଥାନରେ ଦଲାଲମାନେ କାମ କରୁଥିବା ନେଇ ଅଭିଯୋଗ ହୋଇଛି। ଜମି ମାଲିକମାନେ ଅଭିଯୋଗ କଲେ ଅନୁମତି ବାତିଲ କରାଯିବ ବୋଲି ସେ କହିଥିଲେ।

## ଶହୀଦ ସଞ୍ଜୟଙ୍କ ଶେଷକୃତ୍ୟ



ଶହୀଦ ସଞ୍ଜୟ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

**ରାଇକିଆ/ଜି.ଉଦୟଗିରି, ୧୫।୬(ଡି.ଏନ୍.ଏ.)**

ଶ୍ରୀନଗରଠାରେ କାର୍ଯ୍ୟରତ ଅବସ୍ଥାରେ ରବିବାର କନ୍ଧମାଳ ଜିଲା ରାଇକିଆ ବ୍ଲକ ଅଞ୍ଚଳର ଯବାନ ସଞ୍ଜୟ ପ୍ରଧାନଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ତାଙ୍କ ପାର୍ଥିବ ଶରୀର ଶ୍ରୀନଗରରୁ ଭୁବନେଶ୍ୱର ଓ ପରେ ମଙ୍ଗଳବାର ସକାଳେ ତାଙ୍କ ନିଜ ଗ୍ରାମ ପୋଟାପାଙ୍ଗା ପଞ୍ଚାୟତ ବାଘରମା ଗ୍ରାମରେ ପହଞ୍ଚିଥିଲା। ଶହୀଦ ସଞ୍ଜୟ ଅମର ରହେ ସ୍ଲୋଗାନ ମଧ୍ୟରେ ଶୋଭାଯାତ୍ରାରେ ମରଶରୀରକୁ ତାଙ୍କ ଘର ପର୍ଯ୍ୟନ୍ତ ନିଆଯାଇଥିଲା। ରାଷ୍ଟ୍ରୀୟ ମର୍ଯ୍ୟାଦାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଶତାଧିକ ଲୋକଙ୍କ ଉପସ୍ଥିତିରେ ସେନା ତରଫରୁ ତୋପ ସଲାମି ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ସମେତ ବିଭିନ୍ନ ଲୋକପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଉପଜିଲାପାଳ ଶୁଭଙ୍କର ମହାପାତ୍ର, ଜି. ଉଦୟଗିରି ଏସ୍‌ଡିପିଓ ତିରୁପତି ରାୟ ପଟ୍ଟନାୟକ, ପୋଲିସ ଏସଆଇ ବିଭୂତି ଭୂଷଣ ମୁଦୁଲି, ରାଇକିଆ ବିଡିଓ ପ୍ରବୀଣ କୁମାର ବାଣୁଆ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ପ୍ରମୁଖ ସେଠାରେ ଉପସ୍ଥିତ ଥିଲେ। ସଞ୍ଜୟ ୨୦୦୭ ମସିହାରେ ସେନାର ବିହାର ରେଜିମେଣ୍ଟରେ ସିପାହି ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଶେଷଥର ପାଇଁ ଗତ ମେ ମାସରେ ଛୁଟି ନେଇ ଗାଁକୁ ଆସିଥିଲେ। ୨୯ ତାରିଖରେ କାର୍ଯ୍ୟକ୍ଷେତ୍ର ଶ୍ରୀନଗରକୁ ଯାଇଥିଲେ। ଘରେ ୪ ଭାଇଙ୍କ ମଧ୍ୟରୁ ସଞ୍ଜୟ ଦ୍ୱିତୀୟ। ତାଙ୍କ ସ୍ତ୍ରୀ ଜଣେ ଶିକ୍ଷୟିତ୍ରୀ। ୮ ବର୍ଷର ଏକ ପୁଅ ଅଛି।

ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୧୫ରେ ଲଦାଖର ଗଲୱାନ ଘାଟିରେ ଭାରତୀୟ ଯବାନ ଓ ଚାଇନା ସେନାଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଶହୀଦ ହୋଇଥିବା ୨୦ ଭାରତୀୟ ଯବାନଙ୍କ ମଧ୍ୟରେ ରାଇକିଆ ବ୍ଲକ ବିଅରପଙ୍ଗା ଗ୍ରାମର ଚନ୍ଦ୍ରକାନ୍ତ ପ୍ରଧାନ ଥିଲେ।



ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ମଙ୍ଗଳବାର ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର କର୍ମକର୍ତ୍ତାମାନେ।

## ବ୍ୟାସକବିଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ

**ଭୁବନେଶ୍ୱର, ୧୫।୬ (ବ୍ୟୁରୋ)**

ଓଡ଼ିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା, ଭାଷା ଆନ୍ଦୋଳନର ପ୍ରମୁଖ ସେନାପତି ଓ ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି କଥା ସମ୍ରାଟ୍ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ବାଣୀବିହାର ସମ୍ମୁଖରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। କରୋନା କଟକଣା ଭିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ସଭାପତିତ୍ୱ କରି ବ୍ୟାସକବିଙ୍କ ଗୁଣ ଗାନ କରିଥିଲେ। ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ସମରଞ୍ଜନ ମହାନ୍ତିଙ୍କ ସମେତ ଫକୀରମୋହନ ସାହିତ୍ୟ ସଂସଦ ପକ୍ଷରୁ ଅଜୟ କୁମାର ମହାନ୍ତି ଓ ରଜତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଜଙ୍ଗଲରେ ଅଚିହ୍ନା ମୃତଦେହ

**ବ୍ରହ୍ମଗିରି, ୧୫।୬ (ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ସାହାଜାନପୁର ଜଙ୍ଗଲ ନିକଟରେ ମଙ୍ଗଳବାର ଏକ ଅଚିହ୍ନା ବୃଦ୍ଧାଙ୍କ ମୃତଦେହ ପଡ଼ିରହିଛି। ଉକ୍ତ ଥାନା ସାହାଜାନପୁର ଓ ହାସିନପୁର ଗ୍ରାମ୍ୟ ଜଙ୍ଗଲ ସୀମାନ୍ତ ବଣିଆ ଖିଆ ଜଙ୍ଗଲ ନିକଟରେ ଏକ ପ୍ରାପ୍ତ ବୟସ୍କାଙ୍କ ମୃତଦେହ ଉଲଗ୍ନ ଅବସ୍ଥାରେ ପଡିଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ବୃଦ୍ଧାଙ୍କର ପରିଚୟ ଜଣାପଡ଼ି ନ ଥିବାବେଳେ ବୟସ ପାଖାପାଖି ୬୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାହିଁ।

## ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ବିବାହ ସମ୍ପନ୍ନ



ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ବିବାହ ନୀତି ସମ୍ପନ୍ନ କରାଯାଉଛି।

**ପିପିଲି, ୧୫।୬(ଡି.ଏନ୍.ଏ.)**

ପିପିଲି ଡେଲ୍‌ଟା ଛକସ୍ଥିତ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ବିବାହ ଉତ୍ସବ କେବଳ ନୀତିକାନ୍ତିରେ ନିରାଡ଼ମ୍ବରରେ ସମ୍ପନ୍ନ ହୋଇଛି। ମଙ୍ଗଳବାର ପ୍ରତ୍ୟୁଷରୁ ଶ୍ରୀବାଲୁଙ୍କେଶ୍ୱରଙ୍କ ମନ୍ଦିରରେ ସମସ୍ତ ଦେବନୀତି ସମ୍ପନ୍ନ ହେବା ପରେ ମଧ୍ୟାହ୍ନରେ ଖଣ୍ଡିଆଗିରିସ୍ଥିତ ଶ୍ରୀହୁଙ୍କେଶ୍ୱର ଦେବଙ୍କ ପୀଠକୁ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ପାଲିଙ୍କିରେ ନିଆଯାଇଥିଲା। ସେଠାରେ ଉଭୟ ଠାକୁରଙ୍କ ଭେଟଭାଟ ହେବା ପରେ ଶ୍ରୀବାଲୁଙ୍କେଶ୍ୱର ଦେବ ଓ ଦେବୀ ପାର୍ବତୀଙ୍କ ବିବାହ ପାଇଁ ଉଭୟ ବର ମାତାପିତା ଓ କନ୍ୟା ମାତାପିତାଙ୍କ ଉପସ୍ଥିତିରେ ନିର୍ବନ୍ଧ କାର୍ଯ୍ୟ ବିଧିମୁତାବକ କରାଯାଇଥିଲା। ଅପରାହ୍ନ ସାଢ଼େ ୩ଟାରେ ଡେଲ୍‌ଟା ଛକସ୍ଥିତ ମନ୍ଦିର ପରିସରରେ ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ସହ ଦେବୀ ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥିଲା। ଏଥିରେ ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଓ ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ କନ୍ୟାପକ୍ଷ ହୋଇଥିବା ବେଳେ ସାମାଜିକ କର୍ମୀ ଶରତ ଚନ୍ଦ୍ର ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ସୁକାନ୍ତି ବରପକ୍ଷର ପିତାମାତା ଦାୟିତ୍ୱ ତୁଲାଇଥିଲେ। ବାଲୁଙ୍କେଶ୍ୱର ଦେବ ପୂଜା କମିଟିର ସଦସ୍ୟ ସୁଧୀର ମହାନ୍ତି, ବିଭୂ ପ୍ରସାଦ ବୈରିଗନ, ପ୍ରଭାକର ପଣ୍ଡା, ସମୀର ରଞ୍ଜନ ଦାଶ, ଅକ୍ଷୟ ଦୀକ୍ଷିତ, ସୁରେଶ ରଥ, ଶିକ୍ଷାବିତ୍ ପଦ୍ମନାଭ ପାତ୍ର, ପ୍ରଦ୍ୟୁମ୍ନ ସୁବୁଦ୍ଧି, ସୀତାନାଥ ମହାନ୍ତି, ଓମ୍‌କାର ମିଶ୍ର, ସୁଶାନ୍ତ ସାହୁ, ପରୀକ୍ଷିତ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଅନନ୍ତ ପ୍ରଧାନ, ଶ୍ରୀଧର ନାୟକ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

## ଜୟପୁର ସବ୍‌ଜେଲକୁ ଆଇଏସ୍‌ଓ ସାର୍ଟିଫିକେଟ୍

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

ଜୟପୁର ସବ୍‌ଜେଲକୁ ଆଇଏସ୍‌ଓ (ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ଷ୍ଟାଣ୍ଡାର୍ଡାଇଜେଶନ) ୯୦୦୧:୨୦୧୫ ସାର୍ଟିଫିକେଟ ମିଳିଛି। ଜେଲର ସୁପରିଚାଳନା ସହ ଦକ୍ଷତା ବିକାଶ, କଏଦୀଙ୍କ ମାନସିକ ଚାପ ଦୂରପାଇଁ ପଦକ୍ଷେପ, କଏଦୀଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି, ସ୍ୱଚ୍ଛତା ଓ ପରିଚ୍ଛନ୍ନତା ପାଇଁ ଉତ୍ତରପ୍ରଦେଶ ନୋଇଡାର କେଭିକ୍ୟୁଏ ସାର୍ଟିଫିକେଶନ ସର୍ଭିସେସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଏହି ପ୍ରମାଣପତ୍ର ମିଳିଛି। ପୂର୍ବରୁ ଏହି ସଂସ୍ଥା ଜୟପୁର ସବ୍‌ଜେଲ ପରିଦର୍ଶନ କରି ପରିଚାଳନାଠାରୁ



KVQA
Certificate of Registration
QUALITY MANAGEMENT SYSTEM ISO 9001:2015
KVQA CERTIFICATION SERVICES PVT. LTD.
This is to certify that the Quality Management System of
SUB JAIL, JEYPORE
Jeypore, Koraput, Odisha
Has been found to the Quality Management System Standard
ISO 9001:2015
This Certificate is valid for the following Product or service range
Reforms and Correctional Activities Leading to Transformation in a Time Bound Manner.

ଆରମ୍ଭ କରି କଏଦୀଙ୍କ କାର୍ଯ୍ୟ, ଖାଦ୍ୟ, ରହିବା ଆଦି ଯାଞ୍ଚ କରିଥିଲା।

ସୂଚନାଯୋଗ୍ୟ, ଭୁବନେଶ୍ୱରସ୍ଥିତ ଝାରପଡା ସ୍ପେଶାଲ ଜେଲ ପୂର୍ବରୁ ଏହି ପ୍ରମାଣପତ୍ର ହାସଲ କରିଥିବାବେଳେ ରାଜ୍ୟର ଦ୍ୱିତୀୟ ଜେଲଭାବେ ଜୟପୁର ସବ୍‌ଜେଲକୁ ଏହି ସ୍ୱୀକୃତି ମିଳିଥିବା ଜେଲ ବିଭାଗ ଡିଆଇଜି ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଏହି ମାନ୍ୟତା ଚଳିତବର୍ଷ ଜୁନ ୧୪ରୁ ୨୦୨୪ ଜୁନ ୧୩ ପର୍ଯ୍ୟନ୍ତ ୩ ବର୍ଷ ପାଇଁ ବୈଧ ରହିବ। ଏହା ମଧ୍ୟରେ ୨୦୨୨ ମେ ୧୪ ଓ ୨୦୨୩ ମେ ୧୪ରେ ସର୍ଭେଲାନ୍ସ ଅଡିଟ୍ କରାଯିବ ବୋଲି ସଂସ୍ଥା ତରଫରୁ କୁହାଯାଇଛି।

Tender Notice
BAIF Institute for Sustainable Livelihoods and Development - Odisha
Invites sealed quotations from reputed licensed manufacturers / authorized dealers / authorized distributors / authorized retailers for veterinary medicines.
Refer www.baif.org.in for details or contact :
L4, Saraswati Enclave, PO - Dhankuada, Sambalpur - 768006. Ph. 7894418530
Last date of submission: 25th June 2021

## ଭିଡ଼ ଜମାଇ ଭତ୍ତା ବଣ୍ଟନ

**ଛତ୍ରପୁର, ୧୫।୬(ଡି.ଏନ୍.ଏ.)**

**ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା**

କରୋନା ସଂକ୍ରମଣ ପ୍ରତିହତ କରିବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ଆଗୁଆ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲା। ଜିଲାବାସୀଙ୍କ ସହଯୋଗରେ ଜିଲା ଏବେ ଗ୍ରୀନ ଜୋନରେ ରହିଛି। ଜିଲାରେ ଲକଡାଉନ୍ ଓ କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ସଂକ୍ରମଣ ଆଶଙ୍କା ଥିବାରୁ ଶିଶୁ, ଗର୍ଭବତୀ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ବାହାରକୁ ଯିବାକୁ ବାରଣ କରାଯାଇଛି। ପ୍ରତି ମାସ ୧୫ ତାରିଖରେ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶ ରହିଛି। ତେବେ ଛତ୍ରପୁର ବ୍ଲକ ଅନ୍ତର୍ଗତ ପୋଟଲାମପୁର ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ପାଇଁ ପୋଟଲାମପୁର ରାଜୀବଗାନ୍ଧୀ ସେବାକେନ୍ଦ୍ର ଭିତରେ ଓ ବାହାରେ ଭିଡ଼ ଜମାଇଥିବା ଦେଖାଯାଇଥିଲା। ୬୦ରୁ ଊର୍ଦ୍ଧ୍ୱ ବୟସ୍କ ହିତାଧିକାରୀମାନେ ମଧ୍ୟ ଭିଡ଼ରେ ରହିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ନାୟକ ଏଠାରେ ଦାୟିତ୍ୱରେ ଥିଲେ ବି ତାଙ୍କର ଦେଖା ମିଳି ନ ଥିଲା। ଫୋନ ଯୋଗେ ତାଙ୍କ ସହ ଯୋଗାଯୋଗ କରିବାରେ ସେଠାରେ ସେ ଉପସ୍ଥିତ ଥିବା କହିଥିଲେ।



ଭତ୍ତା ପାଇଁ ଗହଳି ହୋଇଛି।

## ଖୋଲିଲା ୯ ବର୍ଷର ହତ୍ୟା ମାମଲା ଫାଇଲ

**ଭୁବନେଶ୍ୱର, ୧୫।୬(ବ୍ୟୁରୋ)**

- ବୁଦା ଭିତରୁ ମହିଳାଙ୍କ ରକ୍ତାକ୍ତ ମୃତଦେହ ମିଳିଥିଲା
- ଚନ୍ଦକା ପୋଲିସ ମାରିଲା ପୋଷ୍ଟର, ଯିବ ଢେଙ୍କାନାଳ

ବହୁ ବିଳମ୍ବ ହୋଇଥିଲେ ମଧ୍ୟ ଏବେ କମିଶନରେଟ ପୋଲିସର ଚେତା ପଶୁଛି। ରାଜଧାନୀରେ ରହସ୍ୟ ହୋଇ ରହିଥିବା ବହୁ ସମ୍ବେଦନଶୀଳ ମାମଲାର ଖୋଳତାଡ଼ ଆରମ୍ଭ ହୋଇଛି। ଡିସିପିଙ୍କ ନିର୍ଦ୍ଦେଶ ପରେ ବନ୍ଦ ହୋଇପଡିଥିବା ୯ବର୍ଷ ତଳର ଏକ ହତ୍ୟା ମାମଲାର ଫାଇଲ୍ ଖୋଲି ତଦନ୍ତ ଆରମ୍ଭ କରିଛି ଚନ୍ଦକା ପୋଲିସ। ଗାଡ଼ି ଓ ବିଭିନ୍ନ ସ୍ଥାନରେ ମୃତ ମହିଳାଙ୍କ ଫଟୋ ସହ ପୋଷ୍ଟର ମାରିଛି। ବୁଧବାର ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ ପାଇଁ ଢେଙ୍କାନାଳ ଗସ୍ତ କରିବ। ମୃତଦେହ ନିକଟରୁ ଏକ ଲୁଗା ଦୋକାନର ଜରି ବ୍ୟାଗ ମିଳିଥିଲା। ଯେଉଁଥିରେ ଢେଙ୍କାନାଳ କାମାକ୍ଷାନଗର ଲେଖା ରହିଥିଲା। ସେହି ତଥ୍ୟକୁ ଆଧାର କରି ପୋଲିସ ତଦନ୍ତକୁ ଆଗକୁ ବଢାଇବ ବୋଲି ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି।

ସୂଚନା ମୁତାବକ, ୨୦୧୨ ମେ ୧୨ରେ ଏହି ଥାନା ଅନ୍ତର୍ଗତ ଗୋଠପାଟଣାସ୍ଥିତ ଏକ ଆମ୍ବ ବଗିଚାର ଜଙ୍ଗଲିଆ ଅଞ୍ଚଳରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ମହିଳାଙ୍କ





ବୟସ ୨୫ରୁ ୩୦ ବର୍ଷ ହେବ ବୋଲି ପୋଲିସ ସୂଚନା ଦେଇଥିଲା। ଏଥିସହ ତାଙ୍କ ବେକରେ ନାଲି ଲୁଗା ବନ୍ଧା ହୋଇଥିବାବେଳେ ମୁଣ୍ଡରେ ଓ ମୁହଁରେ ଭିନ୍ନ ଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଥିଲା। ପ୍ରାଥମିକ ତଦନ୍ତବେଳେ ମହିଳାଙ୍କ କୌଣସି ପରିଚୟ ମିଳିପାରି ନ ଥିଲା। ତେବେ ଏହି ମୃତ୍ୟୁକୁ ନେଇ କେହି ଥାନାରେ ଅଭିଯୋଗ ନ କରିବାରୁ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। କିନ୍ତୁ ବ୍ୟବଚ୍ଛେଦ ରିପୋର୍ଟରେ ହତ୍ୟା ସ୍ପଷ୍ଟ ହେବାରୁ ପୋଲିସ ଘଟଣାର ଅଢ଼େଇ ବର୍ଷ ପରେ ଅର୍ଥାତ୍ ୨୦୧୫ ଜାନୁୟାରୀ ୧୯ରେ ଏକ ହତ୍ୟା ମାମଲା (ନଂ. ୧୨/୧୫) ରୁଜୁ କରିଥିଲା। ହେଲେ ତଦନ୍ତରେ ଶିଥିଳତା ଯୋଗୁ ମହିଳାଙ୍କ ପରିଚୟ ଓ ରହସ୍ୟ ଉନ୍ମୋଚିତ ହୋଇପାରି ନ ଥିଲା। ଫଳରେ କ୍ରମଶଃ ହତ୍ୟା ମାମଲାଟି ଫାଇଲ୍ ଭିତରେ ବନ୍ଦ ହୋଇଯାଇଥିଲା। ନିକଟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଡିସିପି ଉମାଶଙ୍କର ଦାସଙ୍କ ନଜରକୁ ଏହି ମାମଲା ଆସିବା ପରେ ଏହାର ପୁନଃ ତଦନ୍ତ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ଆଧାରରେ ଚନ୍ଦକା ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ପୋଷ୍ଟର ମରାଯାଇଛି। ମହିଳାଙ୍କ ସମ୍ପର୍କରେ କୌଣସି ଖବର ପାଇଲେ ଥାନା ଅଧିକାରୀଙ୍କ ମୋବାଇଲ ନଂ.୮୨୮୦୩୩୮୩୨୩, ୯୪୩୮୪୯୯୫୯ ଓ ଜୋନ୍ ଏସିପିଙ୍କୁ ୮୨୮୦୩୩୮୨୯୬ ନଂ.ରେ ସୂଚନା ଦେବାକୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

RITES THE INFRASTRUCTURE PEOPLE
ରାଇଟ୍‌ସ ଲିମିଟେଡ୍ (ଭାରତ ସରକାରଙ୍କ ଏକ ପ୍ରତିଷ୍ଠାନ)
ଭୁବନେଶ୍ୱର - ୭୫୧୦୨୪
ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି
ମେସର୍ସ ପିସିସିଏଫ୍ ଏବଂ ଏଚ୍‌ଓଏଫ୍‌ଏଫ୍ ତରଫରୁ ମହାପ୍ରବନ୍ଧକ (ପ୍ରକଳ୍ପ), ରାଇଟ୍‌ସ ଲିଃ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ(ଗୁଡ଼ିକ) ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀରେ ଅନ୍‌ଲାଇନ୍ ଶତକଡ଼ା ଦର ବିଡ୍ ଆମନ୍ତ୍ରଣ କରୁଛନ୍ତି:
ଏନ୍‌ଆଇଟି ନଂ. ରାଇଟ୍‌ସ/ବିବିଏସ୍‌ଆର/ଏସ୍‌ଏଫ୍‌ଏ/ପ୍ୟାକେଜ୍-୨/ଭାଗ-୨/ଓଟି-୦୪/୨୦୨୧, ତାରିଖ ୧୬।୦୬।୨୦୨୧।
କାର୍ଯ୍ୟର ନାମ: "ଓଡ଼ିଶାର ଭୁବନେଶ୍ୱରଠାରେ ରାଜ୍ୟ ଜଙ୍ଗଲ ଏକାଡେମୀର ନିର୍ମାଣ ପାଇଁ ଲ୍ୟାଣ୍ଡସ୍କେପିଂ, ବାହ୍ୟ ବିଦ୍ୟୁତୀକରଣ, ନେଟ୍‌ୱର୍କିଂ ସିଷ୍ଟମ୍, ଅଗ୍ନି ଚିହ୍ନଟୀକରଣ ଓ ଅଗ୍ନି ନିର୍ବାପନ ପ୍ରଣାଳୀ, ସୋଲାର ସିଷ୍ଟମ୍, ଅଭ୍ୟନ୍ତର କାର୍ଯ୍ୟ, ଏଚ୍‌ଭିଏସି ସିଷ୍ଟମ୍ ସମେତ ଲିଫ୍ଟ, ଡିଜି ସେଟ୍‌ର ଯୋଗାଣ, ସ୍ଥାପନା ଓ କମିଶନିଂ ତଥା ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟର ନିର୍ବାହ"।
ଅଟକଳ ମୂଲ୍ୟ: ₹୩,୩୪,୪୫,୨୩୭.୦୦, ସମାପ୍ତି ଅବଧି: ୦୬ (ଛଅ) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ୦୪।୦୭।୨୦୨୧, ୧୫.୦୦ ଘଟିକା (ଆଇଏସ୍‌ଟି)।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍: https://etenders.gov.in/eprocure/appରୁ ହାସଲ କରାଯାଇପାରିବ।
ଯୋଗପତ୍ର/ଶୁଦ୍ଧିପତ୍ର, ଯଦି ଥାଏ, କେବଳ ଅନ୍‌ଲାଇନ୍‌ରେ ସ୍ଥାନିତ ହେବ।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, SUNABEDA
e-mail: eerw_sunabeda@yahoo.co.in
e-Procurement Notice for Road & Building works
Identification No. Online Tender / 02/RWD-SBD/2021-22
Letter No.2601/ Date: 08.06.2021
No.O-327:- 01. Name of the work: Road & Building works Lamtaput, Nandapur, Bandhugaon, Narayanpatna, Laxmipur, Pottangi block. 2. Total number of works: 07 Nos. buildings & 2 Nos. Roads. 03. Estimated cost: From 1.00 to 90.00 lakhs. 04. Class of contractor: 'A', 'B', 'C' & 'D' class. 05. Period of completion: 02 months. 06. Other details:

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, R.W. Division, Sunabeda | Online Tender/ 02/ RWD- SBD/ 2021-22 | 17.06.2021 at 11.00 hours | 30.06.2021 upto 17.00 hours |

Further details can be seen from the website www.tendersorissa.gov.in.
Executive Engineer, Rural Works Division, Sunabeda
OIPR-25121/11/0002/2122

## ୧୫.୨ କେଜି ଗଞ୍ଜେଇ ଜବତ, ୨ ଗିରଫ

ତେନ୍ତୁଳିଖୁଣ୍ଟି,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଧୀନ ପାତ୍ରପୁଟ ଫାଣ୍ଡି ପୋଲିସ ମଙ୍ଗଳବାର ଏକ ବାଇକ୍‌ରୁ ୧୫.୨ କେଜି ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଦୁହେଁ ହେଲେ କଳାହାଣ୍ଡି ଜିଲା ଜୁନାଗଡ଼ ଅଞ୍ଚଳର ହେମନ୍ତ ନିଆଲ ଏବଂ ଗୁପ୍ତେଶ୍ୱର ଜହରଲାଲ। ପାତ୍ରପୁଟ ଫାଣ୍ଡି ଅନ୍ତର୍ଗତ ବୋରିଗୁଡ଼ା ଠାରେ ପୋଲିସ ଅଧିକାରୀ ବଳଭଦ୍ର ହରିଜନ ଓ ତ୍ରିଲୋଚନ ନାୟକ ବାଇକ(ଓଡି ୧୦ ୨୫୦୬)କୁ ସନ୍ଦେହରେ ଅଟକାଇ ଗଞ୍ଜେଇ ଜବତ କରିଛନ୍ତି। ସେହିପରି ବାଇକ୍, ମୋବାଇଲ ସହ ୨୫୦୦ ଟଙ୍କା ମଧ ଜବତ କରାଯାଇଛି। ଏ ନେଇ ଥାନାରେ ୮୦/୨୧ରେ ଏକ ମାମଲା ରୁଜୁକରି ପୋଲିସ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ

ବିଷମକଟକ,୧୫।୬(ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକ ସଦର ନିକଟ ଜଙ୍ଗଲ ମଧରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତ ବ୍ୟକ୍ତି ପାତ୍ରଗୁଡ଼ା ଗ୍ରାମର ପାଡ଼ିଆ ଅଡଙ୍ଗାକା(୫୨) ବୋଲି ଜଣାଯାଇଛି। ଘଟଣାରୁ ପ୍ରକାଶ, ବିଷମକଟକ ବ୍ଲକ୍ ବୋରିଖାଲ ଗାଁ ନିକଟ ରାସ୍ତାପାର୍ଶ୍ୱ ଜଙ୍ଗଲରେ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ବିଷମକଟକ ଥାନାକୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ମୃତଦେହ ଜବତ କରିଛି। ଯୁବକଙ୍କ ଦୀର୍ଘଦିନ ହେଲା ମୃତ୍ୟୁ ଘଟିଥିବାବେଳେ ପ୍ରଥମେ ତାହାକୁ ଚିହ୍ନଟ କରିବା ମଧ ସମ୍ଭବ ହୋଇ ନ ଥିଲା। ତେବେ ନିକଟସ୍ଥ ଗାଁକୁ ଖବର ଦେବାପରେ ମୃତ ପାଡ଼ିଆଙ୍କ ସ୍ତ୍ରୀ ଏବଂ ଗ୍ରାମବାସୀ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ତେବେ ଯୁବକଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ସେ କିଛିଦିନ ହେଲା ନିଖୋଜ ଥିବା ନେଇ ଗ୍ରାମବାସୀ କହିଥିବାବେଳେ ବିଷମକଟକ ଥାନାଧିକାରୀ ସୁବାସ ଚନ୍ଦ୍ର କରକରା ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

### ୨୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ମୁନିଗୁଡ଼ା,୧୫।୬(ଡି.ଏନ୍.ଏ.)-ବାଇକ୍‌ରେ ଗଞ୍ଜେଇ ଚାଲାଣବେଳେ ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ୨୨ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗଜାକୁପୁଲି ଗାଁର ଧନେଶ୍ୱର ସାରକା। ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବର ପାଇ ମୁନିଗୁଡ଼ା ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ଚଢ଼ାଉ କରି ହୁକୁମତୋଳା ଭୈରବ ମନ୍ଦିର ନିକଟରେ ବାଇକ୍(ଓଆର୍ ୦୫ ଏୟୁ ୪୫୯୦)କୁ ଅଟକାଇଥିଲା। ଯାଞ୍ଚବେଳେ ସେଥିରୁ ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଉକ୍ତ ଗଞ୍ଜେଇ ଚନ୍ଦ୍ରପୁର ଥାନା ଅଧୀନ ହନୁମନ୍ତପୁର ଅଞ୍ଚଳରୁ ମୁନିଗୁଡ଼ା ଚାଲାଣ ହେଉଥିଲା। ଏ ନେଇ ମୁନିଗୁଡ଼ା ଥାନାରେ ୭୫/୨୧ରେ ଏକ ମାମଲା ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସୁଜ୍ଞାନୀ ସାହୁ ସୂଚନା ଦେଇଛନ୍ତି।

### ୨୪ ଘଣ୍ଟାରେ ଅଭିଯୁକ୍ତ ଗିରଫ
#### ୬୯ ହଜାର ଟଙ୍କା ଜବତ



ଟିକିରି/ରାୟଗଡ଼ା ଅଫିସ,୧୫।୬ (ଡି.ଏନ୍.ଏ.)-ରାୟଗଡ଼ା ଜିଲା କାଶିପୁର ବ୍ଲକ୍ ଟିକିରି ଥାନା ଅନ୍ତର୍ଗତ ଓଷାପଡ଼ାସ୍ଥିତ 'ଡେଲିଭରି' ନାମକ ଏକ କୋରିଅର ସର୍ଭିସ କାର୍ଯ୍ୟାଳୟରୁ ପାର୍ସଲ ଏବଂ ଟଙ୍କା ଚୋରି ଘଟଣାରେ ପୋଲିସ ୨୪ ଘଣ୍ଟା ମଧରେ ଅଭିଯୁକ୍ତକୁ ଧରିଛି। ଏହି ଘଟଣାରେ ପୋଲିସ ଚୋରି ହୋଇଥିବା ୬୯ ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଓଷାପଡ଼ା ଗ୍ରାମର ରମେଶ ଦୋରା। ସେ କିଛିଦିନ ହେଲା ଉକ୍ତ କୋରିଅର ସଂସ୍ଥାର ଏଜେଣ୍ଟଭାବେ କାମ କରୁଥିଲେ। ସୂଚନାଯୋଗ୍ୟ, କାର୍ଯ୍ୟାଳୟର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ପାର୍ସଲ ଏବଂ ୮୦ ହଜାର ଟଙ୍କା ଚୋରି କରି ନେଇଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପ୍ରାଥମିକ ତଦନ୍ତରୁ ସଂସ୍ଥାର କର୍ମଚାରୀଙ୍କ ଉପରେ ସନ୍ଦେହ କରି ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଥିଲା। ଏସ୍‌ଡିପିଓ ଦେବଜ୍ୟୋତି ଦାସଙ୍କ ନେତୃତ୍ୱରେ ପୋଲିସ ଟିମ୍ ଜଣେ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା କରାଯିବା ପରେ ଅଭିଯୁକ୍ତ ଧରାପଡ଼ିଥିବା ସୂଚନା ମିଳିଛି। ସିସିଟିଭି ନଜରରୁ ଖସିବା ପାଇଁ ରମେଶ କିଛି ପାର୍ସଲ ପୋଡ଼ି ଧୂଆଁ ସୃଷ୍ଟି କରିଥିଲେ। ଅଭିଯୁକ୍ତ ଦୋଷ ସ୍ୱୀକାର କରିଥିବାବେଳେ ଘଟଣାର ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ଅଧିକାରୀ ବିକାଶ ପ୍ରଧାନ ସୂଚନା ଦେଇଛନ୍ତି।

# ସଫେଇ, ସଚେତନତା ଦାୟିତ୍ୱ ନେଇଛନ୍ତି ଏସ୍‌ଏଚ୍‌ଜି ମହିଳା

ନବରଙ୍ଗପୁର,୧୫।୬(ବି.ପ୍ର.)

କରୋନା ମହାମାରୀ ସମୟରେ ନବରଙ୍ଗପୁର ସହରରେ ଏସ୍‌ଏଚ୍‌ଜି ମହିଳାଙ୍କ ଭୂମିକାକୁ ସବୁ ସ୍ତରରେ ପ୍ରଶଂସା କରାଯାଇଛି। କରୋନା ସଂକ୍ରମଣ ସମୟରେ ଜୀବନକୁ ଖାତିର ନ କରି ୪୦ ମହିଳା ପ୍ରତିଦିନ ବିଭିନ୍ନ ୱାର୍ଡ ଅଞ୍ଚଳରୁ ଆବର୍ଜନା ସଂଗ୍ରହ କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି।

ନବରଙ୍ଗପୁର ପୌରାଞ୍ଚଳ ୧୭ଟି ୱାର୍ଡକୁ ନେଇ ଗଠିତ। ବିଭିନ୍ନ ୱାର୍ଡର ସାହି ଓ ଗଳିରୁ ଆବର୍ଜନା ଉଠାଇବା ସମ୍ଭବ ହେଉ ନ ଥିଲା ଏବଂ ଲୋକଙ୍କ ଅଭିଯୋଗ ମଧ ଆସୁଥିଲା। ଏହାକୁ ପୌର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇ ୧୦ ବ୍ୟାଟେରିଚାଳିତ ସ୍ୱଚ୍ଛ ସବାରି ଗାଡ଼ି ସହରରୁ ଆବର୍ଜନା ସଂଗ୍ରହ ନିମନ୍ତେ ଯୋଗାଇ ଦିଆଯାଇଥିଲା। ୬ ଏସ୍‌ଏଚ୍‌ଜିର ୧୪ ମହିଳାଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଏ ବାବଦକୁ ମହିଳାମାନଙ୍କୁ ମାସିକ ୪ ହଜାର ଟଙ୍କା ଦରମା ଆକାରରେ ମିଳୁଛି। ସାହି ଓ ଘର ବୁଲି ଏମାନେ ଓଦା ଓ ଶୁଖିଲା ଆବର୍ଜନା ସଂଗ୍ରହ କରି ୱେଲ୍‌ନେସ ସେଣ୍ଟରକୁ ପହଞ୍ଚାଇଥାନ୍ତି। ଗୋଟିଏ ଏସ୍‌ଏଚ୍‌ଜି ମାଧ୍ୟମରେ ୯ ଜଣ ମୋ ଖତ ପ୍ରସ୍ତୁତିରେ ଲାଗିଛନ୍ତି। ସେହିଭଳି ୧୨ ଏସ୍‌ଏଚ୍‌ଜିର ୧୨ ସ୍ୱଚ୍ଛସାଥୀ ଘର ଘର ବୁଲି ଆବର୍ଜନା ବାହାରେ ନ ଫୋପାଡ଼ି ସ୍ୱଚ୍ଛ ସବାରି ଗାଡ଼ିରେ ଦେବା ନିମନ୍ତେ ସଚେତନ କରୁଛନ୍ତି। ଏହାକୁ ପରିଚାଳନା ପାଇଁ ୩ ଏସ୍‌ଏଚ୍‌ଜିର ୩ ମହିଳା ସୁପରଭାଇଜର ମଧ କାର୍ଯ୍ୟ କରୁଛନ୍ତି। ଏହା ବ୍ୟତୀତ




ଏସ୍‌ଏଚ୍‌ଜି ମହିଳାମାନେ ବିଭିନ୍ନ ସାହିରୁ ଆବର୍ଜନା ସଂଗ୍ରହ କରୁଛନ୍ତି ।

**କରୋନା ପରିସ୍ଥିତିରେ ସ୍ୱଚ୍ଛସାଥୀ, କର୍ମୀଙ୍କ ଭୂମିକାକୁ ପ୍ରଶଂସା**

ସହରର ବିଭିନ୍ନ ସ୍ଥାନରେ ତୁଳସୀଗଛ ଲଗାଇ ତାହାର ସୁରକ୍ଷା ଓ ଆବର୍ଜନା ବାହାରେ ଯେପରି ନ ପଡ଼ିବ ସେ ଦିଗରେ କାମ କରୁଛନ୍ତି। ସେହିଭଳି ନବରଙ୍ଗପୁର ସହରରେ ଥିବା ୨ ଗୋଷ୍ଠୀ ଶୌଚାଳୟ ମଧ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପରିଚାଳିତ ହୋଇଆସୁଛି । ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଏସ୍‌ଏଚ୍‌ଜିମାନେ କାର୍ଯ୍ୟ କରିଆସୁଛନ୍ତି। ଆଗାମୀ ଦିନରେ ଟାଉନ ହଲ୍ ପରିସରରେ ଏକ ଗୋଷ୍ଠୀ ଶୌଚାଳୟ କରାଯିବ ବୋଲି ନିର୍ବାହୀ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ କହିଛନ୍ତି। ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛସାଥୀ ୪ ହଜାର ଟଙ୍କା, ମୋ' ଖତ କାର୍ଯ୍ୟରେ ନିୟୋଜିତ ମହିଳା କର୍ମୀ ୬ ହଜାର ଏବଂ ସୁପରଭାଇଜର ୮ ହଜାର ଟଙ୍କା ଦରମା ସରକାରୀ ନିଷ୍ପତ୍ତି ଅନୁଯାୟୀ ପାଉଥିଲେ ମଧ ସେମାନଙ୍କ ସେବା ମନୋବୃତ୍ତି ପ୍ରଶଂସନୀୟ ବୋଲି ସହରର ବୁଦ୍ଧିଜୀବୀଙ୍କ ମଧରେ ମତପ୍ରକାଶ ପାଉଛି।

# ଦୁର୍ଘଟଣାରୁ ବର୍ତ୍ତିଲା ବକ୍ସାଇଟ ବୋଝେଇ ଟ୍ରେନ୍




ଟ୍ରେନ୍ ଇଞ୍ଜିନରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଉଛି।

ରାୟଗଡ଼ା ଅଫିସ,୧୫।୬

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ରାୟଗଡ଼ା ଅଭିମୁଖେ ଆସୁଥିବା ଏକ ବକ୍ସାଇଟ ବୋଝେଇ ଟ୍ରେନ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ରାୟଗଡ଼ା ରେଳ ଷ୍ଟେଶନରେ ପ୍ରବେଶ ପୂର୍ବରୁ ପୁରୁଣା ଗେଟ୍ ନିକଟରେ ଉକ୍ତ ମାଲବାହୀ ଟ୍ରେନ୍ ଇଞ୍ଜିନରୁ ଧୂଆଁ ବାହାରିଥିଲା। ଏହା ଜାଣିପାରି ଟ୍ରେନ୍ ଚାଳକ ଏବଂ କର୍ମଚାରୀ ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ ଦୁର୍ଘଟଣା ଟଳିଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ମାଲବାହୀ ଟ୍ରେନ୍‌ଟି ସବୁଜ ସଙ୍କେତ ପାଇ ଷ୍ଟେଶନ ମଧକୁ ପ୍ରବେଶ କରିବାକୁ ଆଗେଇ ଆସୁଥିଲା। ଷ୍ଟେଶନଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ରେଲୱେ ଓଭରବ୍ରିଜ୍ ପାରିହେବା ସମୟରେ ଇଞ୍ଜିନରୁ ଧୂଆଁ ବାହାରୁଥିବା ଚାଳକ ଦେଖିଥିଲେ। ଏହାପରେ ସେ ତୁରନ୍ତ ଟ୍ରେନ୍‌କୁ ଅଟକାଇ ୩ଟି ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁଲିଭା ଆରମ୍ଭ କରିଥିଲେ। ୧୫ ମିନିଟ୍‌ର ଉଦ୍ୟମ ପରେ ନିଆଁ ଆୟତ୍ତ ହୋଇଥିଲା। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ତେବେ ଟ୍ରେନ୍‌ର ଇଞ୍ଜିନ ଅତ୍ୟଧିକ ଗରମ ହୋଇଯିବା କାରଣରୁ ଏଭଳି ଘଟିଥିବାବେଳେ ରେଳ ବିଭାଗର ଟେକ୍ନିକାଲ ଟିମ୍ ପହଞ୍ଚି ଇଞ୍ଜିନ ଯାଞ୍ଚ କରିଛନ୍ତି। ଅଗ୍ନିକାଣ୍ଡରେ ଇଞ୍ଜିନର କମ୍ପ୍ରେସର ପୋଡ଼ିଯାଇଥିବା ସୂଚନା ମିଳିଛି।

**ଇଞ୍ଜିନ ଗରମ ଯୋଗୁ ଅଗ୍ନିକାଣ୍ଡ**

# କଳାବ୍ୟାଜ୍ ପିନ୍ଧି ଫାର୍ମାସିଷ୍ଟଙ୍କ ଆନ୍ଦୋଳନ ଜାରି

ନବରଙ୍ଗପୁର,୧୫।୬(ବି.ପ୍ର.)

ବିଭିନ୍ନ ଦାବି ନେଇ ନବରଙ୍ଗପୁର ଜିଲାର ବହୁ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟରତ ୫୪ ଫାର୍ମାସିଷ୍ଟ ୧୦ ତାରିଖରୁ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ରୋଗୀଙ୍କ ଚିକିତ୍ସାରେ ଅବହେଳା ନ କରି ଜିଲାର ପ୍ରାଥମିକ, ଗୋଷ୍ଠୀ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ଫାର୍ମାସିଷ୍ଟମାନେ ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଫାର୍ମାସିଷ୍ଟମାନଙ୍କ ଅନେକ ଦାବି ଏ ପର୍ଯ୍ୟନ୍ତ ପୂରଣ ହୋଇପାରୁନାହିଁ। ୨୦୧୦ରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଥିବା ଫାର୍ମାସିଷ୍ଟମାନେ ଅଭିଯୋଗ କରିଛନ୍ତି। ସେହିପରି ୨୦୧୩ ମସିହାର କ୍ୟାଡର ନୀତିକୁ ପରିବର୍ତ୍ତନ, ୩୦ରୁ ଊର୍ଦ୍ଧ୍ୱ ବର୍ଷ ଚାକିରି କରିଥିବା ଫାର୍ମାସିଷ୍ଟଙ୍କ ପଦୋନ୍ନତି, ଦୀର୍ଘବର୍ଷ ଧରି ସରକାରୀ ସଂସ୍ଥା, ଏନ୍‌ଏଚ୍‌ୟୁ, ଏନ୍‌ଏଚ୍‌ଏମ, ଆର୍‌ବିଏସ୍‌କେଗୁଡ଼ିକରେ ଅସ୍ଥାୟୀ ଭାବେ କାର୍ଯ୍ୟକରି ଆସୁଛନ୍ତି। ସେମାନଙ୍କୁ ନିୟମିତ କରିବା ନିମନ୍ତେ ସଂଘ ପକ୍ଷରୁ ଦାବି ରହିଛି। ରାଜ୍ୟ ଫାର୍ମାସିଷ୍ଟ ସଂଘର ନିର୍ଦ୍ଦେଶକ୍ରମେ ୧୦ତାରିଖରୁ କଳାବ୍ୟାଜ୍ ପରିଧାନ କରି ଶୃଙ୍ଖଳିତ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଏହି ପ୍ରତିବାଦ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାମଧରେ ସରକାର କୌଣସି ପଦକ୍ଷେପ ନ ନେଲେ ରାଜ୍ୟ ସଂଘର ନିଷ୍ପତ୍ତି ପ୍ରକାରେ ଜିଲା ସଂଘ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି ଜିଲା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ରୋହିତ କୁମାର ବିଶୋୟୀ, ସୁରେନ୍ଦ୍ର କୁମାର ମହାପାତ୍ର, ଫାର୍ମାସିଷ୍ଟ ଅମିତାଭ ବାରିକ, ରମାରମଣ ପଣ୍ଡା, ଲିଟୁପ୍ରଭା ରାଉତ, ପି. ଶଗରିଆ, ଶକ୍ତିମୟୀ ମହାନ୍ତିଙ୍କ ଉପସ୍ଥିତିରେ ସଂଘର ଦାବି ଓ ଆଗାମୀ ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା।




ଆନ୍ଦୋଳନରତ ଫାର୍ମାସିଷ୍ଟମାନେ ।

## ନାବାଳିକାଙ୍କୁ ଅସଦାଚରଣ, ଜଣେ ଅଟକ

ଗୁଣପୁର,୧୫।୬(ଡି.ଏନ୍.ଏ.)

ନାବାଳିକାଙ୍କ ଘରେ ପଶି ଅସଦାଚରଣ ଅଭିଯୋଗରେ ରାୟଗଡ଼ା ଜିଲା ଗୁଣପୁର ପୋଲିସ ଜଣଙ୍କୁ ଅଟକ ରଖିଛି। ସେ ହେଲେ ଢେପ ବାଉରି ସାହିର ମନୋଜ ବାଉରି(୨୪)। ସୂଚନା ଅନୁଯାୟୀ ଗୁଣପୁର ସହର ଶ୍ରୀନିବାସ ନଗର ଅଞ୍ଚଳର ଜୈନିକା ନାବାଳିକା ସୋମବାର ବଜାରରୁ ଘରକୁ ଫେରୁଥିଲେ। କନ୍ୟକା ପରମେଶ୍ୱରୀ ମନ୍ଦିର ନିକଟ ରାସ୍ତାରେ ବାଇକ୍‌ରେ ଆସୁଥିବା ମନୋଜ ତାଙ୍କୁ ଧକ୍କା ଦେଇଥିଲେ। ଘଟଣା ବିଷୟରେ ନାବାଳିକା ଜଣକ ଘରେ କହିଥିଲେ। କିଛି ସମୟ ପରେ ନାବାଳିକାଙ୍କ ବାପା ଦୋକାନକୁ ଚାଲିଯିବା ପରେ ମନୋଜ ବାଡ଼ିପଟୁ ଆସି ଘରେ ପଶି ନାବାଳିକାଙ୍କ ପାଟିକୁ ବନ୍ଦ କରିଦେଇଥିଲେ। ପାଟି ଶୁଣି ନାବାଳିକାଙ୍କ ବାପା ପହଞ୍ଚିଥିବା ବେଳେ ମନୋଜ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ନାବାଳିକାଙ୍କ ବାପା ମଙ୍ଗଳବାର ଗୁଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୭୪/୨୧ରେ ଏକ ମାମଲା ରୁଜୁକରି ମନୋଜଙ୍କୁ ପଚରାଉଚରା କରୁଥିବା ଏସ୍‌ଆଇ ସୁଶାନ୍ତ ବେହେରା ସୂଚନା ଦେଇଛନ୍ତି।

# ଫକୀରମୋହନଙ୍କ ଶ୍ରାଦ୍ଧଦିବସ ପାଳନ




କାର୍ଯ୍ୟକ୍ରମରେ ଉପସ୍ଥିତ ପଠନଶାଳାର ସମ୍ପାଦକ ଓ ଅନ୍ୟ ଅତିଥିମାନେ ।

ଉମରକୋଟ,୧୫।୬(ସ୍ୱ.ପ୍ର.)

ଉମରକୋଟସ୍ଥିତ ଫକୀରମୋହନ ପଠନଶାଳା ପ୍ରାଙ୍ଗଣରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଫକୀରମୋହନଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ସମ୍ପାଦକ ପ୍ରଫୁଲ୍ଲ ରାଉତଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବଶ୍ରୀ ଡାକ୍ତର ସୁରେନ୍ଦ୍ର ନାଥ ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ବ୍ୟାସକବିଙ୍କ ଅବଦାନ ବିଷୟରେ ମନେପକାଇବା ସହ କରୋନାର ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଦାସିଆ ସାଂସ୍କୃତିକ ପରିଷଦର ସଭାପତି ଟୁଟୁବାବୁ ପଟ୍ଟନାୟକଙ୍କ ସମେତ ସଭ୍ୟ ବିଜୟାନନ୍ଦ ଦ୍ୱିବେଦୀ, ପରୀକ୍ଷିତ ସାହୁ, ସୁବାସ ଚନ୍ଦ୍ର ବିଶୋୟୀ, ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କରୋନା ସଙ୍କଟ ଦୂର ନିମନ୍ତେ ମିଳିତ ଶାନ୍ତି ପ୍ରାର୍ଥନା କରାଯାଇଥିଲା।

# ୩ଶହ ଲୋକଙ୍କ ପାଇଁ ଝଞ୍ଜାବତୀ ଭରସା

ରାୟଗଡା ଅଫିସ, ୧୫।୬

- ପାଇପ ଅଛି ହେଲେ ଆସୁନି ପାଣି
- ଅଭିଯୋଗ କଲେ ଶୁଣୁନି ପିଏଚଡି ବିଭାଗ
- ଆଗାମୀ ଦିନରେ ମହିଳା କରିବେ ରାସ୍ତା ଅବରୋଧ

ରାୟଗଡା ବ୍ଲକରେ ଥିବା ୨୪ ନମ୍ବର ୱାର୍ଡରେ ଲୋକେ ଭୋଗଛନ୍ତି ଜଳକଷ୍ଟ। ୱାର୍ଡରେ ପାଇପ ଅଛି ହେଲେ ପାଣି ଆସୁନି। ଏଭଳି ଦେଖିବାକୁ ମିଳିଛି କଟଲାଗୁଡା ତାରିଣୀ ମନ୍ଦିର ନିକଟରେ। ଏହି ୱାର୍ଡର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଝଞ୍ଜାବତୀ ନଦୀ ପାଲଟିଛି ଭରସା। ସହର ମଧରେ ୱାର୍ଡ ନମ୍ବର ୨୪ରେ ରହି ମଧ ପାଣି ମୁନ୍ଦେ ନ ମିଳିବା ପ୍ରଶାସନିକ ଅବ୍ୟବସ୍ଥାର ପ୍ରତିଫଳନ ବୋଲି ମତ ପ୍ରକାଶ ପାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପାଣି ମୁନ୍ଦେ ପାଇଁ ୱାର୍ଡବାସୀ ୧ କିମି ଦୂରରେ ଥିବା ଝଞ୍ଜାବତୀ ନଦୀକୁ ଯାଇଥାନ୍ତି। ବେଳେବେଳେ ୨ କି.ମି. ଦୂରରେ ଥିବା ଅକ୍ସିଜେନ ଗ୍ୟାସ ଗୋଦାମରୁ ମହିଳାମାନେ ପାଣି ଆଣିଥାନ୍ତି। ଗତବର୍ଷ କରୋନା ସମୟରେ ୱାର୍ଡକୁ ପିଏଚଡ଼ି ପାଣି ଲାଇନ ସଂଯୋଗ କରାଯାଇଛି। ମାତ୍ର ୧ ମାସ ପାଣି ଆସିବା ପରେ ଏହା ବନ୍ଦ ହୋଇଯାଇଛି। ବାରମ୍ବାର ସ୍ଥାନୀୟ ଲୋକେ ପିଏଚଡ଼ି କାର୍ଯ୍ୟାଳୟରେ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। କିଛି ଦିନ ପିଏଚଡି ପକ୍ଷରୁ ଏକ ପାଣିଟାଙ୍କି ଆଣି ୱାର୍ଡଠାରୁ ଦୂରରେ ରଖି କର୍ମଚାରୀମାନେ ଚାଲିଯାଉଥିଲେ। ସେଠାକୁ ଯାଇ ୱାର୍ଡବାସୀ ପାଣି ଆଣି ଚଳୁଥିଲେ। ଏବେ ୨୦ ଦିନ ହେଲାଣି ସେହି ଟାଙ୍କି ମଧ ଅଣା ଯାଉନାହିଁ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ବିଭାଗ ପାଣି ସମସ୍ୟା ସମାଧାନ ନ କଲେ ମହିଳାମାନେ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ସାରଦା ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଆମେ ପୂର୍ବରୁ ସେହି ଅଞ୍ଚଳରେ ପାଇପ୍ ସଂଯୋଗ କରିଥିଲୁ। ମାତ୍ର ଉପର ଅଞ୍ଚଳ ହୋଇଥିବାରୁ ପାଣି ଯାଉନାହିଁ। ଏବେ ନୂତନ ପାଇପ ଆସିଛି, ଏହାକୁ ସଂଯୋଗ କରାଯାଇ ପାଣି ସମସ୍ୟା ଦୂର କରାଯିବ ବୋଲି ସେ କହିଛନ୍ତି।

# ୬୩ ହିତାଧିକାରୀଙ୍କୁ ଘରଡିହ ପଟ୍ଟା



ଅତିରିକ୍ତ ତହସିଲଦାର ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି।

ଗୁଣପୁର,୧୫।୬(ଡି.ଏନ୍.ଏ)

ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ଅନ୍ତର୍ଗତ ଶିରିଗୁଡ଼ା ଗ୍ରାମରେ ମଙ୍ଗଳବାର ୬୩ ହିତାଧିକାରୀଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି। ରାଜସ୍ୱ ରଥ ସେବା ଜରିଆରେ ଏହି ପଟ୍ଟା ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ପ୍ରାଣକଷ୍ଣ ପାଣିଗ୍ରାହୀ, ସରପଞ୍ଚ ପୁଷ୍ପିତା ଜାଗରଙ୍ଗା, ରାଜସ୍ୱ ନିରୀକ୍ଷକ ସନ୍ତୋଷ ପଣ୍ଡା, ଅମୀନ ସତ୍ୟବତୀ ବାଉରି ପ୍ରମୁଖ ଉପସ୍ଥିତ ରହି ପଟ୍ଟା ପ୍ରଦାନ କରିଥିଲେ।

## ରାଜସ୍ୱ ରଥ ଜରିଆରେ ମିଳିଲା ପଟ୍ଟା, ପ୍ରମାଣପତ୍ର

ଚନ୍ଦ୍ରପୁର,୧୫।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ରାଜସ୍ୱ ରଥ ଜରିଆରେ ଆବେଦନକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ବିବିଧ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତଙ୍କ ତତ୍ତ୍ୱାବଧାନରେ ଲୋକଙ୍କ ଘର ନିକଟକୁ ଯାଇ ୩୪ ଜଣଙ୍କୁ ପଟ୍ଟା ଏବଂ ୨୧ ଜଣଙ୍କୁ ବିଭିନ୍ନ ପ୍ରମାଣପତ୍ର ଦିଆଯାଇଛି। ଏହି ଅବସରରେ ଆର୍‌ଆଇ ଅନନ୍ତ କୁମାର ବେହେରା, ଚରିତ୍ର କୁମାର ବେହେରା ଏବଂ ଅମିନ ଉପସ୍ଥିତ ଥିଲେ। କରୋନା ପରିସ୍ଥିତିରେ ସଂକ୍ରମଣ ରୋକିବା ନିମନ୍ତେ ପ୍ରଶାସନ ପକ୍ଷରୁ ରାଜସ୍ୱ ରଥ ଗାଁକୁ ଯାଇ ତହସିଲ ସେବା ଯୋଗାଉଛି। ଏଭଳି ପଦକ୍ଷେପକୁ ପୂର୍ବତନ ବ୍ଲକ୍ ଅଧକ୍ଷ ଭୀମ ଗଗେରଙ୍ଗା, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର ପ୍ରମୁଖ ସ୍ୱାଗତ କରିଛନ୍ତି। ଡାଙ୍ଗସୋରଡ଼ା ରାଜସ୍ୱ ସର୍କଲର ବୋରିଖୋଲ ଗ୍ରାମରେ ୩୪ ଜଣଙ୍କୁ ପଟ୍ଟା ଏବଂ ଅନ୍ୟ ପଞ୍ଚାୟତରେ ୨୧ଜଣଙ୍କୁ ଜାତିଗତ, ବାସସ୍ଥାନ, ଆୟ ଆଦି ପ୍ରମାଣପତ୍ର ଦିଆଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି।



ଜଣେ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉଛି ।

# ଦିବ୍ୟାଙ୍ଗ ସୋମନାଥଙ୍କ କାନ୍ଧରେ ୬ଜଣଙ୍କ ଦାୟିତ୍ୱ

ଉମରକୋଟ,୧୫।୬(ସ୍ୱ.ପ୍ର.)

- ବିଦ୍ୟୁତ୍ ଦୁର୍ଘଟଣାରେ ହରାଇଛନ୍ତି ଗୋଟିଏ ହାତ, ଗୋଡ଼
- କୃତ୍ରିମ ଗୋଡ଼ ଯୋଗାଇବାକୁ ଦାବି

ଗୋଟିଏ ହାତ ଏବଂ ଗୋଡ଼ ହରାଇ ସେ ଦିବ୍ୟାଙ୍ଗ। ହେଲେ ଏହା ତାଙ୍କ ମନୋବଳକୁ ଦୁର୍ବଳ କରିପାରିନାହିଁ। ସମାଜରେ ସମ୍ମାନର ସହ ବଞ୍ଚିବା ପାଇଁ ବରଂ ସାହସ ଯୋଗାଇଛି। ପରିବାର ଚଳାଇବା ସହ ସମସ୍ତ କାର୍ଯ୍ୟରେ ସେ ଆଗକୁ ବଢ଼ିଛନ୍ତି। ଏ ହେଉଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ସୁନାବେଡ଼ା ପଞ୍ଚାୟତ ସଦର ଗ୍ରାମର ସୋମନାଥ ଭତ୍ରାଙ୍କ ଜୀବନ କାହାଣୀ।

ସୋମନାଥ ପେସାରେ ଜଣେ ବିଦ୍ୟୁତ୍ କାରିଗର(ଇଲେକ୍ଟ୍ରିସିଆନ)। ଗାଁରେ ୭ ବର୍ଷ ତଳେ ବିଦ୍ୟୁତ୍ କାମ କରିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଆଘାତ ଅଧିକ ଥିବାରୁ ତାଙ୍କର ଗୋଟିଏ ହାତ ଏବଂ ଗୋଡ଼ କାଟିବାକୁ ପଡ଼ିଥିଲା। ସେତେବେଳେ ସୋମନାଥଙ୍କୁ ୨୩ବର୍ଷ ବୟସ ହୋଇଥିଲା। ମା', ବାପା ବୃଦ୍ଧାବସ୍ଥାରେ କିଛିଦିନ ସୋମନାଥଙ୍କ ସେବା କରିଥିଲେ। ପରେ ବୟସାଧିକ କାରଣରୁ ବାପା ଆଉ କାମ କରିପାରି ନ ଥିଲେ। ସୋମନାଥଙ୍କୁ ମିଶାଇ ୪ ଭାଇ ଏବଂ ୨ ଭଉଣୀ ହୋଇଥିବାବେଳେ ବଡ଼ଭାଇ ବିବାହ ପରେ ଅଲଗା ରହୁଛନ୍ତି। ତେଣୁ ମା', ବାପା ଏବଂ ୪ ଭଉଣୀ ଭାଇଙ୍କ ଦାୟିତ୍ୱ ସୋମନାଥଙ୍କ କାନ୍ଧକୁ ଆସିଥିଲା। ସେତେବେଳେ ସୋମନାଥ ମନକୁ ଦୃଢ଼କରି ପୂରା ପରିବାରର ବୋଝ ନିଜ କାନ୍ଧକୁ ନେଇ ଦୋକାନଟିଏ ଖୋଲିଲେ। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ଘର ଚଳେ। ସୋମନାଥଙ୍କ କହିବା ହେଲା, କିଛି ବର୍ଷ ତଳେ ଏକ ବେସରକାରୀ ସଙ୍ଗଠନ ପକ୍ଷରୁ କୃତ୍ରିମ ଗୋଡ଼ଟିଏ ମିଳିଥିଲା। ତାହା ଏବେ ଖରାପ ହେଲାଣି। ପୁଣି କୃତ୍ରିମ ଗୋଡ଼ଟିଏ ପାଇବା ପାଇଁ ୩ ବର୍ଷ ତଳେ ଉପଜିଲାପାଳଙ୍କୁ ଭେଟି ଜଣାଇଥିଲେ। ସେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରୋସ୍ଥେଟିକ୍ସ ଆଣ୍ଡ ଓର୍ଥୋଟିକ୍ସ ଇଞ୍ଜିନିୟରଙ୍କ ସହ ଯୋଗାଯୋଗ କରିଥିଲେ ମଧ ଏ ପର୍ଯ୍ୟନ୍ତ ତାଙ୍କୁ କୃତ୍ରିମ ଗୋଡ଼ଟି ମିଳିପାରି ନାହିଁ। ଏ ବିଷୟରେ ନବରଙ୍ଗପୁରସ୍ଥିତ ପ୍ରୋସ୍ଥେଟିକ୍ସ ଆଣ୍ଡ ଓର୍ଥୋଟିକ୍ସ ଇଞ୍ଜିନିୟରଙ୍କୁ ପଚାରିବାରୁ ସେ କହିଛନ୍ତି, ସୋମନାଥଙ୍କ ସହ ଯୋଗାଯୋଗରେ ଅଛି, ଲକ୍‌ଡାଉନ ଯୋଗୁ ଉପକରଣ ଆସିପାରୁନାହିଁ। ଜିନିଷ ଆସିବାପରେ ତାଙ୍କୁ ତୁରନ୍ତ ଦିଆଯିବ ବୋଲି ସେ କହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତାଙ୍କୁ ଶୀଘ୍ର କୃତ୍ରିମ ଗୋଡ଼ଟିଏ ଯୋଗାଇଦେବାକୁ ସୋମନାଥ ଏବଂ ଗ୍ରାମବାସୀ ନିବେଦନ କରିଛନ୍ତି।



ସୋମନାଥ ଭତ୍ରା ।

